ସକାଳ
THE SAKALA



### ପରିବହନ ବିଭାଗ ନିୟମରେ ହେଉଛି ଖୋଲା ଉଲ୍ଲଂଘନ

# ବ୍ୟବସାୟରେ ଲାଗୁଛି ବ୍ୟକ୍ତିଗତ ପଞ୍ଜିକୃତ ଯାନବାହାନ

ବ୍ରହ୍ମପୁର, ୨୯ ।୬(ସମିସ)



- ଏମ୍‌କେସିଜି ମେଡିକାଲ କ୍ୟାମ୍ପସରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି ବେଆଇନ ପାର୍କିଂ
- ନିୟନ୍ତ୍ରଣ ବାହାରେ ଟ୍ୟାକ୍ସି ଚାଳକ, ରୋଗୀଙ୍କ ଠାରୁ ଆଦାୟ କରୁଛନ୍ତି ମନଇଚ୍ଛା ଭଡ଼ା

ଏମକେସିଜି ମେଡିକାଲ ପରିସରରେ ବିଭିନ୍ନ ସ୍ଥାନରେ ନିୟମିତ ପ୍ରାୟ ୨୦ରୁ ଅଧିକ କାର୍ ପାର୍କିଂ ହେଉଥିବା ଦେଖିବାକୁ ମିଳୁଛି। ଏହି ଗାଡ଼ି ଗୁଡ଼ିକ ବ୍ୟକ୍ତିଗତ ମାଲିକାନାରେ ପଞ୍ଜିକୃତ ହୋଇଛି। କିନ୍ତୁ ଦୀର୍ଘବର୍ଷ ଧରି ଉକ୍ତ ଗାଡ଼ି ମାଲିକମାନେ ମେଡିକାଲ କ୍ୟାମ୍ପସରେ ବେଆଇନ ଭାବେ ପାର୍କିଂ କରିବା ସହ ସେଗୁଡିକୁ ଭଡ଼ାସୁତ୍ରରେ ଅର୍ଥାତ୍ ଟ୍ୟାକ୍ସି ଭଳି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଯଦ୍ଵାରା ଗାଡି ମାଲିକମାନେ ଖୋଲାଖୋଲି ଭାବେ ପରିବହନ ବିଭାଗର ନିୟମକୁ ଉଲ୍ଲଂଘନ କରୁଛନ୍ତି। ଏହି ଘଟଣାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଓ ପରିବହନର ବିଭାଗର ଅଧିକାରୀମାନେ ଅବଗତ ଥିଲେ ହେଁ ସମ୍ପୃକ୍ତ ଗାଡିମାଲିକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ଏଭଳି କ୍ଷେତ୍ରରେ ଦିନକୁ ଦିନ ମେଡିକାଲ ପରିସରରେ ବେଆଇନ ପାର୍କିଂ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ଏଥିପାଇଁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ରାଜସ୍ଵ ହରାଉଛନ୍ତି। ଏମକେସିଜି ମେଡ଼ିକାଲରେ ଥିବା ବିଭିନ୍ନ ବିଭାଗକୁ ପ୍ରତିଦିନ ବହୁ ଜିଲ୍ଲାର ଶତାଧିକ ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଚିକିତ୍ସା ପରେ ସୁସ୍ଥ ହୋଇ ସେମାନେ ଘରକୁ ଫେରିଥାନ୍ତି। ମେଡିକାଲକୁ ଆସିବା ବେଳେ ରୋଗୀମାନେ ସରକାରଙ୍କ ଦ୍ଵାରା ପ୍ରଦତ୍ତ ମାଗଣା ଆମ୍ବୁଲାନ୍ସ ସେବାର ସୁବିଧା ନେଇଥାନ୍ତି। କିନ୍ତୁ ସୁସ୍ଥ ହୋଇ ଘରକୁ ଫେରିବା ବେଳେ ସେମାନେ ଗାଡି ଭଡା କରି ନିଜ ଘରକୁ ଯାଇଥାନ୍ତି। ଏହାର ସୁଯୋଗ ନେଇ ବହୁ ଗାଡିମାଲିକ ନିଜ ବ୍ୟକ୍ତିଗତ ବ୍ୟବହାର ପାଇଁ ପଞ୍ଜିକୃତ ଗାଡିକୁ ମେଡିକାଲର ବିଭିନ୍ନ ସ୍ଥାନରେ ପାର୍କିଂ କରୁଛନ୍ତି। ଉକ୍ତ ଗାଡି ଭଡାକୁ ଦିଆଯିବ ଲେଖାଥିବା ସହ ଡ୍ରାଇଭରର ମୋବାଇଲ ନମ୍ବର ମଧ ଲେଖା ଯାଇଥିବା ଏକ ବୋର୍ଡ ଲାଗିଥିବା ଦେଖିବାକୁ ମିଳୁଛି। ସେହିପରି ରୋଗୀଙ୍କ ଠାରୁ ସମ୍ପୃକ୍ତ ଗାଡ଼ିର ମାଲିକମାନେ ଭଡ଼ା ବାବଦକୁ ମନଇଚ୍ଛା ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ସେପଟେ ଡାକ୍ତରଖାନା ପରିସରରେ ଏଣେତେଣେ ଗାଡ଼ିଗୁଡ଼ିକର ବେଆଇନ ପାର୍କିଂ ଯୋଗୁଁ କ୍ୟାମ୍ପସରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଆମ୍ବୁଲାନ୍ସ ଯାତାୟତରେ ମଧ ବାଧା ଉପୁଜୁଛି। ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମେଡିକାଲ କର୍ତ୍ତୃପକ୍ଷ ଓ ପରିବହନ ବିଭାଗର ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅନ୍ୟପକ୍ଷରେ କମର୍ସିଆଲ ଓ ଟ୍ୟାକ୍ସି ପରିମିଟ୍ ଥିବା ଗାଡି ହିଁ ଭଡା ସୂତ୍ରରେ ବ୍ୟବହାର ହୋଇପାରିବ ବୋଲି ପରିବହନ ବିଭାଗର ନିୟମ ଥିବାବେଳେ ଏଠାରେ ବହୁ ଗାଡିମାଲିକ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି। ତେବେ ବ୍ୟକ୍ତିଗତ ଗାଡିରେ ଟିକସ କମ୍ ପଡୁଥିବାରୁ ଗାଡି ମାଲିକମାନେ କମର୍ସିଆଲ ଟିକସ ଫାଙ୍କିବା ପାଇଁ ଜାଣିଶୁଣି ବ୍ୟକ୍ତିଗତ ପଞ୍ଜିକୃତ କରାଉଥିବା ଜଣାପଡ଼ିଛି। ତେଣୁ ଜିଲ୍ଲା ପ୍ରଶାସନ, ପରିବହନ ବିଭାଗ ଓ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବେଆଇନ କାର୍ଯ୍ୟ କରୁଥିବା ଗାଡିମାଲିକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ମେଡିକାଲ ପରିସରରେ ବେଆଇନ ପାର୍କିଂ ସହ ବ୍ୟକ୍ତିଗତ ବ୍ୟବହୃତ ପାଇଁ ପଞ୍ଜିକୃତ ଗାଡ଼ିକୁ ଭଡ଼ାସୁତ୍ରରେ ବ୍ୟବହାର ଘଟଣା ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଅବଗତ କରାଯାଇଛି। ସେହିପରି ବେଆଇନ ପାର୍କିଂ ଗାଡିଗୁଡ଼ିକୁ ହଟାଇବାକୁ ମେଡିକାଲ ପକ୍ଷରୁ ଖୁବ୍‌ଶୀଘ୍ର ଆବଶ୍ୟକ ପଦେକ୍ଷପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ● ମହିଳା ନିର୍ଯାତନା ବୃଦ୍ଧି, ସରକାର ବିଫଳ

## ଜୁଲାଇ ୧୮ ରେ ଲଜ୍ଜା ଦିବସ ପାଳିବ ସିପିଏମ୍

ବ୍ରହ୍ମପୁର, ୨୯ ।୬(ସମିସ): ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ରବିବାର ସିପିଏମ ପକ୍ଷରୁ ଦୁଇଦିନିଆ ଜିଲ୍ଲା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଠାରେ ଆସନ୍ତା ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଗଞ୍ଜାମ ଜିଲ୍ଲାରେ ମହିଳା ଅସୁରକ୍ଷିତ ଓ ଏମାନଙ୍କ ପ୍ରତି ନିର୍ଯାତନା ବୃଦ୍ଧି ପାଉଥିବା ବେଳେ ସାରା ବିଶ୍ୱରେ ଜିଲ୍ଲାବାସୀ ନିନ୍ଦିତ ହୋଇଛନ୍ତି। ଏଣୁ ସିପିଏମ୍ ଜିଲ୍ଲା କମିଟି ଏଥିରେ ଉଦ୍‌ବେଗ ପ୍ରକାଶ କରିବା ସହିତ ମହିଳା ସୁରକ୍ଷା ପାଇଁ ଆଗାମୀ ଜୁଲାଇ ୧୮ ତାରିଖରେ ଲଜ୍ଜା ଦିବସ ପାଳନ କରିବାକୁ ପାର୍ଟି ପକ୍ଷରୁ ନିଷ୍ପତି ହୋଇଛି। ରାଜ୍ୟର ବିଜେପି ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ଏଠାରେ କୁହାଯାଇଛି। ବିଜେପିର ଏକ ବର୍ଷ ଶାସନ ସମୟରେ ଜିଲ୍ଲାରେ ହତ୍ୟା, ଦୁଷ୍କର୍ମ ଓ ଡକାୟତି ଭଳି ଅପରାଧ ବଢ଼ିଛି। ଅସାମାଜିକ ଓ ଅପରାଧୀମାନଙ୍କୁ ସୁରକ୍ଷା ଦେବା ପାଇଁ ଶାସକ ଦଳର ନେତାକର୍ମୀ ପୁଲିସ ଉପରେ ଚାପ ସୃଷ୍ଟି କରୁଛନ୍ତି। ତେଣୁ ପୁଲିସ ସ୍ୱାଧୀନ ଭାବ କାର୍ଯ୍ୟକରିବା ସମ୍ଭବ ହୋଇ ପାରୁନାହିଁ ବୋଲି ଏଠାରେ କୁହାଯାଇଛି। ଫଳରେ ଗୋଟିଏ ସପ୍ତାହ ମଧ୍ୟରେ ଗୋପାଳପୁର ଛାତ୍ରୀ ଦୁଷ୍କର୍ମ, ଧରାକୋଟ ଦଳିତ ନିର୍ଯ୍ୟାତନା ଓ ବ୍ରହ୍ମପୁରରେ ନାବାଳିକାକୁ ଦୁଷ୍କର୍ମ ଘଟଣା ଦେଖିବାକୁ ମିଳିଛି। ତେଣୁ ମହିଳା ସୁରକ୍ଷା, ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ସୁଦୃଢ଼ କରିବା ଏବଂ ଜିଲ୍ଲାବାସୀଙ୍କ ସମ୍ମାନକୁ ସୁରକ୍ଷା କରିବା ପାଇଁ ଜିଲ୍ଲା ବ୍ୟାପି ପ୍ରଚାର ଅଭିଯାନ ସହ ଆସନ୍ତା ଜୁଲାଇ ୧୮ ତାରିଖ ଦିନ ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି। ସେହିପରି ଧରାକୋଟ ଦଳିତ ନିର୍ଯାତନା ବିରୋଧରେ ଜୁଲାଇ ୧ ତାରିଖରେ ଦକ୍ଷିଣାଞ୍ଚଳ ରାଜସ୍ଵ କମିଶନରଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ବୈଠକରୁ ସୂଚନା ମିଳିଛି। କେନ୍ଦ୍ରୀୟ ଶ୍ରମିକ ଓ କୃଷକ ସଂଗଠନ ପକ୍ଷରୁ ଜୁଲାଇ ୯ ତାରିଖରେ ହେବାକୁ ଥିବା ଧର୍ମଘଟକୁ ସମ୍ପୂର୍ଣ୍ଣ ସମର୍ଥନ କରିବା ସହିତ ଏହାକୁ ସଫଳ କରିବା ପାଇଁ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ଆଲୋଚନା କରିଥିଲେ। ବୈଠକରେ ପାର୍ଟିର ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ, ରାମ ଚନ୍ଦ୍ର ନାୟକ, ପି. ହରେକୃଷ୍ଣ ରେଡ୍ଡୀ, ବିଦ୍ୟାଧର ଜେନା, ଦିଲ୍ଲୀପ ଛୋଟରାୟ ଓ ବିଭୁ ପ୍ରସାଦ ପାଣିଗ୍ରାହିଙ୍କ ସମେତ ପାର୍ଟିର ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।



ବ୍ରହ୍ମପୁର ଏସ୍‌ପି ଅଫିସ ସମ୍ମୁଖରେ ଭାଙ୍ଗିପଡ଼ିଲା ବିରାଟକାୟ ଗଛ

## ବ୍ରହ୍ମପୁରରେ ପହଞ୍ଚିଲା ରେଜଙ୍ଗଲା ରାଜକଳସ ଯାତ୍ରା

ବ୍ରହ୍ମପୁର, ୨୯ ।୬(ସମିସ): ଉତ୍କଳ ଯାଦବ ମହାସଭା ନେତୃତ୍ୱରେ ୩୪ ସାଂଗଠନିକ ଜିଲ୍ଲାର ରେଜଙ୍ଗଲା ରାଜ କଳସ ଯାତ୍ରା-୨୦୨୫ ରବିବାର ବ୍ରହ୍ମପୁରରେ ପହଞ୍ଚିଛି। ଏଠାରେ ପହଞ୍ଚିବା ପରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ଯୁବ ଯାଦବ ସାଂଗଠନିକ ରାଜ୍ୟ ସଭାପତି ଅମର ନାୟକ ଯାଦବ, ଏନୟୁବିସିର ସଭାପତି ଦୀପକ ଗୌଡ଼, ପଦ୍ମନାଭ ଗୌଡ଼, ଉପସ୍ଥିତ ଥିଲେ ଗଞ୍ଜାମ ଯାଦବ ସଙ୍ଗର ମୁଖ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଗଞ୍ଜାମ ଜିଲ୍ଲା ଷୋହଳଖଣ୍ଡ ଗୋପାଳ ସମାଜର ଏହି କଳସ ଯାତ୍ରାକୁ ପୂର୍ଣ୍ଣ ସହଯୋଗ କରିବା ସହ ଏକ ବାଇକ୍ ଶୋଭାଯାତ୍ରାରେ କଳସ ରଥ ସ୍ୱାଗତ କରି ନଗର ପରିକ୍ରମା କରାଯାଇଥିଲା।




୧୯୬୨ମସିହା ଭାରତ ଓ ଚୀନ ଯୁଦ୍ଧରେ ଲଦାଖ ସ୍ଥିତ ରେଜଙ୍ଗଲା ଘାଟିକୁ ଚୀନର ସୈନ୍ୟମାନେ ନିଜ ଅକ୍ତିଆରକୁ ନେବାକୁ ଚେଷ୍ଟା କରୁଥିଲେ। ଠିକ୍ ସେହି ସମୟରେ ଭାରତର ୧୨୦ଜଣ ଗୌଡ଼(ଗୋପାଳ) ସୈନ୍ୟ ଚୀନର ୧୪୦୦ସୈନ୍ୟଙ୍କ ସହ ଯୁଦ୍ଧ କରିଥିଲେ। ଏଥିରେ ଭାରତର ୧୨୦ଜଣ ଗୌଡ଼ ସୈନ୍ୟଙ୍କ ମଧ୍ୟରୁ ୧୧୪ ଜଣ ସହିଦ ହୋଇଥିଲେ। ସହିଦ ହୋଇଥିବା ବୀର ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେହି ସହିଦ ବୀର ମାଟିରୁ କଳସ ଦ୍ୱାରା ମାଟି ଅଣାଯାଇ ଓଡ଼ିଶା ସାରା ଏକ କଳସ ଯାତ୍ରା ଭ୍ରମଣ କରାଯାଉଛି। ପରେ ତିନି ତାଲୁକା ସଭାପତି ମନୋରଞ୍ଜନ ଗୌଡ଼ଙ୍କ ନେତୃତ୍ୱରେ ଯାଦବ କୂଳ ଘରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସମ୍ପାଦକ ନାରାୟଣ ମହାକୁଡ଼, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପର୍ଶୁରାମ ଗୌଡ଼, ରାମ ଚନ୍ଦ୍ର ଗୌଡ଼, ଧ୍ରୁବା ଗୌଡ଼ ଯାଦବ ଜିଲ୍ଲା ସଂଘଟନର ମୁଖ୍ୟ କର୍ମକର୍ତ୍ତାଙ୍କ ସମେତ ବହୁ ସଦସ୍ୟେ ଉପସ୍ଥିତ ଥିଲେ।

## ମନ୍ଦିରରୁ ଚୋରି କରି ବନ୍ଧାହେଲେ ଯୁବକ

ସାନଖେମୁଣ୍ଡି, ୨୯ ।୬(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଟି. ଗୋବିନ୍ଦପୁର ପଞ୍ଚାୟତ ଦସେଇପୁର ଗ୍ରାମ ନିକଟରେ ଥିବା ସାନଖେମୁଣ୍ଡିର ଶକ୍ତି ପୀଠ ମା'ବେହେରା ପାତ୍ର ମନ୍ଦିରରୁ ଚୋରି ମାମଲାରେ ଜଣେ ଯୁବକକୁ ପୁଲିସ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ପାଟପୁର ଥାନା କଂସାମାରି ଗ୍ରାମର ମନୋଜ ଦୋରା। ସୂଚନା ମୁତାବକ, ଗୁରୁବାର ରାତିରେ ମନ୍ଦିର ପୂଜକ ସନ୍ଧ୍ୟା ଆଳତି କରି ମନ୍ଦିର ବନ୍ଦ କରି ଚାଲିଯାଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତ ମନ୍ଦିର ବାହାରେ ଥିବା ହୁଣ୍ଡିକୁ ଭାଙ୍ଗିଦେଇଥିବା ଜାଣିବାକୁ ପାଇ ଶୁକ୍ରବାର ଭୋରୁ ମନ୍ଦିର ପରିଚାଳନା କମିଟି ସରପଞ୍ଚ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ସହ ଶନିବାର ମନ୍ଦିର କମିଟି ସଭାପତି କୈଳାଶ ଦଣ୍ଡିଆ ପାଟପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମନୋଜକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ଠାରୁ ୫୫୦୦ ଟଙ୍କା ଜବତ କରାଯାଇଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

## ବେଆଇନ ମୋରମ ଚାଲାଣ; ଜେସିବି, ଟ୍ରାକ୍ଟର ଜବତ

ଖଲ୍ଲିକୋଟ, ୨୯ ।୬(ସମିସ): ବେଆଇନ ମୋରମ ଚାଲାଣ ବେଳେ ଖଣି ବିଭାଗ ଚଢ଼ଉ କରି ଗୋଟିଏ ଜେସିବି ଏବଂ ଟ୍ରାକ୍ଟର ଜବତ କରିଛି। ତେବେ ଏଥିରେ କାହାକୁ ଗିରଫ କରି ପାରିନାହିଁ ଖଣି ବିଭାଗ। ଦୀର୍ଘଦିନ ହେଲା ଦେବିଝର ଡ୍ୟାମରୁ ବେଆଇନ ଭାବେ ବ୍ୟାପକ ମୋରମ ଚାଲାଣ ହେଉଥିଲା। ରବିବାର ମୋରମ ଚାଲାଣ ବେଳେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଗୋଟିଏ ଜେସିବି ଓ ଟ୍ରାକ୍ଟରକୁ ଜବତ କରାଯାଇଥିବାବେଳେ ଖଣି ଅଧିକାରୀଙ୍କୁ ଦେଖି ଅନ୍ୟ ଦୁଇଟି ମୋରମ ବୋଝେଇ ଟ୍ରାକ୍ଟର ଚକମା ଦେଇ ଫେରାର ହୋଇଯାଇଥିଲେ। ଜବତ ହୋଇଥିବା ଜେସିବି ଚାଳକ ମଧ ଜେସିବି ନେଇ ଫେରାର ହେବାକୁ ଚେଷ୍ଟା କରିଥିଲା। କିନ୍ତୁ ଖଣି କର୍ମଚାରୀମାନେ ତାକୁ ପିଛାକରି ଧରିବାରେ ସକ୍ଷମ ହୋଇଥିଲେ। ଜବତ ହୋଇଥିବା ଜେସିବି ଓ ମୋରମ ବୋଝଇ ଟ୍ରାକ୍ଟରକୁ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଭେଜିପୁଟ ଫାଣ୍ଡି ଜିମା ଦିଆଯାଇଛି।

## ଯୁବକଙ୍କୁ ପିଟି ପିଟି ହତ୍ୟା

ଛତ୍ରପୁର, ୨୯ ।୬(ସମିସ): ଦିନକୁ ଦିନ ଅଶାନ୍ତ ହେଉଛି ଗଞ୍ଜାମ ଜିଲ୍ଲା। ପୁଣି ଜଣକୁ ପିଟି ପିଟି ହତ୍ୟା ନେଇ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଛତ୍ରପୁର ଥାନା ଅଧିନ ବ୍ରାହ୍ମଣିଆପଲ୍ଲୀ ଗ୍ରାମର ଏ. ଲାଚ୍ଛେୟା ପାତ୍ର।

ପ୍ରକାଶ ଯେ, ଶନିବାର ଗ୍ରାମ ନିକଟରେ ଥିବା ରେଳଫାଟକ ପାଖରେ ୭ ରୁ ୮ ଜଣ ବ୍ୟକ୍ତି କୌଣସି କାରଣକୁ ନେଇ ଲାଚ୍ଛେୟାଙ୍କୁ ନିର୍ଦ୍ଧୁମ୍ ପିଟୁଥିଲେ। ସୂଚନା ପାଇ ବାପା ଏ. ଦିଲୁ ପାତ୍ର ଘଟଣାସ୍ଥଳକୁ ଯାଇ ତାଙ୍କୁ ଉଦ୍ଧାର କରିଥିଲେ। ପରେ ଲାଚ୍ଛେୟାଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ହିଁ ଲାଚ୍ଛେୟାଙ୍କ ମୃତ୍ୟୁ ଘଟିଛି। ଘଟଣାକୁ ନେଇ ମୃତକଙ୍କ ବାପା ଦିଲୁ ଛତ୍ରପୁର ଥାନାରେ ଅଭିଯୋଗ କରିବା ସହ ଯେଉଁମାନେ ତାଙ୍କ ପୁଅକୁ ପିଟୁଥିଲେ ସେମାନଙ୍କୁ ସେ ଚିହ୍ନିଥିବା କହିବା ସହ ଏତଲା ମଧ ଦେଇଛନ୍ତି। ପୁଲିସ ନଂ.୩୯୯/୨୫ ମାମଲା ରୁଜୁ କରିବା ସହ ଗ୍ରାମରେ ପହଞ୍ଚି ତଦନ୍ତ କରୁଛି। ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଲାଚ୍ଛେୟାଙ୍କ ନିଜ ଘର ପୁରୁଷୋତ୍ତମପୁର ବ୍ଲକ ଶାସନପଲ୍ଲୀ ହୋଇଥିବାବେଳେ ସେ ପିଲାଦିନରୁ ହିଁ ବ୍ରାହ୍ମଣିଆପଲ୍ଲୀରେ ଅଜା ଘରେ ରହିଆସୁଥିଲେ। କ'ଣ ପାଇଁ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କଲେ ଜଣାପଡ଼ିନାହିଁ।

## 'ଆପ୍'ର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର, ୨୯ ।୬(ସମିସ): ଗେଟ୍ ବଜାର ସ୍ଥିତ ଆମ୍ ଆଦମୀ ପାର୍ଟିର ଜିଲ୍ଲା କାର୍ଯ୍ୟାଳୟରେ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ସୁବାସ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ରାଜ୍ୟ ସାଂଗଠନିକ ସମ୍ପାଦକ ସନ୍ଦୀପ୍ତ ଦାସ ଏବଂ କଲ୍ୟାଣ ଆନନ୍ଦ ସଂଗଠନ ନିର୍ମାଣ ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଆଗାମୀ ଦିନରେ ସଂଗଠନକୁ ସୁଦୃଢ କରି ପଞ୍ଚାୟତ ଏବଂ ମ୍ୟୁନିସିପାଲିଟି ନିର୍ବାଚନ ଲଢ଼ିବାକୁ ଗୁରୁତ୍ୱ ଦିଆଯିବ ବୋଲି ଏଠାରେ କୁହାଯାଇଥିଲା।



ସେହିପରି ଗୋପାଳପୁର ଗଣଦୁଷ୍କର୍ମ, ବ୍ରହ୍ମପୁରରେ ନାବାଳିକା ଆଦିବାସୀ ଝିଅକୁ ନକଲି ଡାକ୍ତରର ଦୁଷ୍କର୍ମ ଏବଂ ଧରାକୋଟ ବ୍ଲକରେ ଦଳିତଙ୍କ ଉପରେ ଗୋରକ୍ଷା ନାମରେ ଅତ୍ୟାଚାର ସାରା ଦେଶରେ ଚର୍ଚ୍ଚା ହୋଇ ଓଡ଼ିଶାବାସୀଙ୍କ ମୁଣ୍ଡ ଲଜ୍ଜାରେ ତଳକୁ ହୋଇ ଯାଇଥିବା ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇଛି। ଦୁଇ ଦିନିଆ ଗଞ୍ଜାମ ଗସ୍ତରେ ଆସି 'ଆପ୍' ଓଡ଼ିଶାର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ ଓଡ଼ିଶା ସରକାର କମ୍ପାନୀ ସ୍ୱାର୍ଥରେ ଆଦିବାସୀଙ୍କ ଆନ୍ଦୋଳକୁ ଦମନ କରି ଖଣି, ପାଣି, ନଦୀ ଆଦି ପ୍ରାକୃତିକ ସମ୍ପଦକୁ ସ୍ୱଳ୍ପ ଦରରେ ବିକ୍ରି କରିଦେଉଥିବା କହିଛନ୍ତି। ଜିଲ୍ଲା ସାଧାରଣ ସମ୍ପାଦକ ଆଦିତ୍ୟ ନାରାୟଣ ରଥ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀନିବାସ ରେଡ୍ଡୀ, ଜିଲ୍ଲା ଯୁବ ସଭାପତି ନୀଳକଣ୍ଠ ରେଡ୍ଡୀ, ଆଇନଜୀବୀ କୈଳାଶ ସେଠୀ, ଗଜପତି ଜିଲ୍ଲା ଆବାହକ ଶିଶିର ଭଞ୍ଜସାମନ୍ତ, ପଦ୍ମନାଭ ମହାରଣା ପ୍ରମୁଖ ଯୋଗ ଦେଇ ଥିଲେ।

## ପୁଲିସ ପକ୍ଷରୁ ଗଣଦୌଡ଼



ଛତ୍ରପୁର, ୨୯ ।୬(ସମିସ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ପୁଲିସ ଜିଲ୍ଲାର ଅତିରିକ୍ତ ଏସପି ରଞ୍ଜିତ କୁମାର ପୃଷ୍ଟି ଯୋଗଦଇ ଏହାର ଶୁଭାରମ୍ଭ କରିଥିଲେ। ଛତ୍ରପୁର ସ୍ଥିତ ପୁଲିସ ଆରଆଇ କାର୍ଯ୍ୟାଳୟ ନିକଟରୁ ବାହାରି ଜିଲ୍ଲାପାଳ ବାସଭବନ, ଡିଆରଡିଏ, କଲେଜ ଛକ ହୋଇ ଗନ୍ତବ୍ୟସ୍ଥଳରେ ପହଞ୍ଚିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ରିଜର୍ଭ ଇନିସପେକ୍ଟର ଅମୂଲ୍ୟ ନାୟକ ପରିଚାଳନା କରିବା ସହ ଏଥିରେ ବହୁ ପୁଲିସ କର୍ମଚାରୀ ଏହି ଗଣ ଦୌଡରେ ସାମିଲ ହୋଇଥିଲେ। ରାଷ୍ଟ୍ରୀୟ ଏକତା ଏହି ଗଣଦୌଡର ମୁଖ୍ୟ ଉଦ୍ଦେଶ୍ୟ।

### ନୀଳକଣ୍ଠ ନଗର ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## +୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ସମ୍ବର୍ଦ୍ଧନା ଉତ୍ସବ







ବ୍ରହ୍ମପୁର, ୨୯।୬(ସମିସ)

ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ନୀଳକଣ୍ଠନଗର ପରିସରରେ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ +୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀଙ୍କର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥି ପରିଚୟ ଦେଇଥିଲେ। ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥିଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ଶିଶୁମାନଙ୍କୁ ଭବିଷ୍ୟତରେ ସୁନାଗରିକ ହୋଇ ଦେଶମାତୃକାର ସେବାରେ ବ୍ରତୀ ହେବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସମିତି ସମ୍ଭାଗ ସମ୍ପାଦକ, ଦକ୍ଷିଣପୂର୍ବ ସମ୍ଭାଗ ଦୀପକ କୁମାର ମହାରଣା, ସ୍ଥାନୀୟ ସମାଜସେବୀ ରାଜେନ୍ଦ୍ର ସୁରେଖା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାବିକାଶ ସମିତି, ଓଡ଼ିଶାର କୋଷାଧ୍ୟକ୍ଷ ସତ୍ୟନାରାୟଣ ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କୁ ସର୍ବଭାରତୀୟ ଶିକ୍ଷାନୁଷ୍ଠାନ ବିଦ୍ୟାଭାରତୀର ଲକ୍ଷ୍ୟକୁ ପାଥେୟ କରି ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରାକୁ ସର୍ବଦା ବଜାୟ ରଖିବା ସହିତ ଉନ୍ନତିର ଉଚ୍ଚତର ସୋପାନରେ ପହଞ୍ଚିବାକୁ ମାର୍ଗଦର୍ଶନ କରିଥିଲେ।

ଚଳିତ ଶିକ୍ଷାବର୍ଷ +୨ ବିଜ୍ଞାନ ବୋର୍ଡ ପରୀକ୍ଷାରେ ରାଜ୍ୟରେ ଷଷ୍ଠ ସ୍ଥାନ ରଖିଥିବା ଛାତ୍ରୀ ଶ୍ରୀୟାଲିସା ଦେବୀ, ସପ୍ତମ ସ୍ଥାନ ରଖିଥିବା ମିଲନ୍ ଦାଶ, ରାଜ୍ୟରେ ଅଷ୍ଟମ ସ୍ଥାନ ରଖିଥିବା ଛାତ୍ରୀ ଆଲିଶା ଶତପଥୀ, ରାଜ୍ୟରେ ଦଶମ ସ୍ଥାନ ରଖିଥିବା ଛାତ୍ରୀ ପ୍ରତିଭା ନାହାକ ଓ ହରପ୍ରିୟା ରାଉତ ଏବଂ ବାଣିଜ୍ୟ ବିଭାଗରେ ରାଜ୍ୟସ୍ତରରେ ତୃତୀୟ ସ୍ଥାନ ରଖିଥିବା ଛାତ୍ରୀ ଶ୍ରେୟାସୀ ଗୀତିରଞ୍ଜନୀ, ଷଷ୍ଠସ୍ଥାନ ଅଧିକାର କରିଥିବା ରେଣୁକା କୁମାରୀ ସାହାଣୀ, ଦଶମ ସ୍ଥାନ ଅଧିକାର କରିଥିବା ରୋଶନୀ ଅଗ୍ରୱାଲ୍ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ସହିତ ଉକ୍ତ ଛାତ୍ରଛାତ୍ରୀମାନଙ୍କ ପିତାମାତାଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍‌ସଙ୍ଗେ ସଙ୍ଗେ ଶତକଡ଼ା ୯୦ରୁ ଉର୍ଦ୍ଧ୍ୱ ସଂଖ୍ୟା ହାସଲ କରିଥିବା ଉଭୟ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀମାନଙ୍କୁ ମଧ ମାନପତ୍ର, ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଦ୍ୟାଳୟର ଆଚାର୍ଯ୍ୟ ସଚ୍ଚିଦାନନ୍ଦ ପୁରୋହିତ, ଆଚାର୍ଯ୍ୟା ପ୍ରିୟଦର୍ଶିନୀ ସାହୁ ଏବଂ ମନ୍ଦାକିନୀ ମିଶ୍ର। ପରିଶେଷରେ ଯୁକ୍ତଦୁଇ ବିଭାଗର ପର୍ଯ୍ୟାୟପ୍ରମୁଖ ସ୍ୱରାଜ୍ୟ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ବିଦ୍ୟାମନ୍ଦିରର ସହ ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ସୁଦର୍ଶନ ପାଢ଼ୀ, ହରେକୃଷ୍ଣ ପାଢ଼ୀ, ମମତା ପାଣିଗ୍ରାହୀ, ଡା. ପ୍ରସନ୍ନ କର, ସଦସ୍ୟା ପ୍ରଣତି ସାମଲ, କେ. ଭେଙ୍କେଟ୍ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

● ଆଜି ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା

## ୯୩୧ ପରୀକ୍ଷାର୍ଥୀଙ୍କୁ ୫ ପରୀକ୍ଷା କେନ୍ଦ୍ର

ବ୍ରହ୍ମପୁର,୨୯ ।୬(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରି ଓ ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ସୋମବାରଠାରୁ ଆରମ୍ଭ ହେବ। ଚଳିତମାସ ଜୁନ ୩୦ଠାରୁ ଜୁଲାଇ ୧୦ତାରିଖ ପର୍ଯ୍ୟନ୍ତ ଉକ୍ତ ପରୀକ୍ଷା ଅନୁଷ୍ଠିତ ହେବ। ସକାଳ ୯ଟାରୁ ୧୧ଟା ଉକ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଚଳିତବର୍ଷ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷାରେ ଗଞ୍ଜାମ ଜିଲ୍ଲାରେ ମୋଟ ୯୩୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ରେଗୁଲାର, ଏକ୍ସ-ରେଗୁଲାର, ଧନ୍ଦାମୂଳକ, ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇଥିବା(ଏସଓଏସସି) ପରୀକ୍ଷାର୍ଥୀଙ୍କ ନିମନ୍ତେ ଗଞ୍ଜାମ ଜିଲ୍ଲାରେ ୫ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ୮୦୬ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ ରେଗୁଲାର, ଏକ୍ସ-ରେଗୁଲାର ମିଶାଇ ଜିଲ୍ଲାର ମୋଟ ୧୨୫ଜଣ ରହିଛନ୍ତି। ପରୀକ୍ଷାର୍ଥୀଙ୍କ ନିମନ୍ତେ ବ୍ରହ୍ମପୁର ସ୍ଥିତ ମେଡ଼ିକାଲ କ୍ୟାମ୍ପସ ବିଦ୍ୟାଳୟ, ଆସିକା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର ସ୍ଥିତ ଏସ.ପି.ଉଚ୍ଚ ବିଦ୍ୟାଳୟ, ଦିଗପହଣ୍ଡି ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ହିଞ୍ଜିଳିକାଟୁ ସ୍ଥିତ ଏନ.ଏ.ସି ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଛି।

## ଡକାୟତି ମାମଲା; ଫେରାର ଅଭିଯୁକ୍ତ ବଳିଆ ଗିରଫ

ବ୍ରହ୍ମପୁର,୨୯।୬(ସମିସ): ଏକ ଡକାୟତି ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗୋଷାଣୀନୂଆଗାଁ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନେହେରୁନଗରର ବଳିଆ ମହାରଣା (୨୨)। ପୂର୍ବରୁ ଏହି ମାମଲାରେ ସୁନୀଲ କୁମାର ସାହୁ, ସୁରଜ ପାଢ଼ୀ ଓ ଗୋବର୍ଦ୍ଧନ ପାତ୍ର, ରବିନ୍ଦ୍ର ମହାରଣା, ସୁମନ୍ତ ପାତ୍ର ଓରଫ କାହ୍ନୁ ଆଦି ୫ଅଭିଯୁକ୍ତ ଗିରଫ ହୋଇଥିଲେ। ଗିରଫ ସଂଖ୍ୟା ୬କୁ ବୃଦ୍ଧି ହୋଇଛି।

ସୂଚନାଯୋଗ୍ୟ ଯେ, ଗତ ମେ ୩୦ରେ ଗୋଷାଣୀନୂଆଗାଁ ପୁଲିସ ଡ଼କାୟତି ଯୋଜନା ବେଳେ ବେଢାବନ୍ଧ ନିକଟରେ ଚଢ଼ଉ କରି ସୁନୀଲ କୁମାର ସାହୁଙ୍କୁ କାବୁ କରିଥିଲା। ତାଙ୍କଠାରୁ ଗୋଟିଏ ବନ୍ଧୁକ ଓ କିଛି ଗୁଳି ଜବତ କରିଥିଲା। ଏହାପରେ ସୁରଜ ପାଢ଼ୀ ଓ ଗୋବର୍ଦ୍ଧନ ପାତ୍ର ନାମକ ଦୁଇ ଜଣ ଯୁବକଙ୍କୁ କାବୁ କରିବା ସହ ସେମାନଙ୍କ ଠାରୁ ପୁଲିସ ଏୟାର ଗନ ଜବତ କରିଥିଲା। ସେହିପରି ସୁମନ୍ତ ପାତ୍ରଙ୍କ ଠାରୁ ୫ଟି ବୋମାକୁ ଜବତ କରିଥିଲା। ବନ୍ଧୁକ ଗୁଡ଼ିକୁ ଖୋର୍ଦ୍ଧାର ରବିନ୍ଦ୍ର ମହାରଣାଙ୍କ ଠାରୁ ରୂପାନ୍ତରିତ କରିଥିବା ଯୋଗୁଁ ରବିନ୍ଦ୍ରଙ୍କୁ ମଧ୍ୟ ପୁଲିସ ଗିରଫ କରିଥିଲା।

## ଉତ୍କଳ ସାମ୍ବାଦିକ ସଂଘର ବୈଠକ



ବ୍ରହ୍ମପୁର,୨୯ ।୬(ସମିସ): ସ୍ଥାନୀୟ ରାଜସ୍ୱ ଡାକବଙ୍ଗଳା ପରିସରରେ ଉତ୍କଳ ସାମ୍ବାଦିକ ସଂଘ ବ୍ରହ୍ମପୁର ଶାଖାର ତ୍ରୟ ମାସିକ ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସଂଘର ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ବିଭିନ୍ନ ବିଷୟ ନେଇ ଆଲୋଚାନ କରାଯାଇଥିଲା। ସାମ୍ବାଦିକଙ୍କ ଉପରେ ଆକ୍ରମଣ ବଢ଼ିଚାଲିଥିବା ବେଳେ ଏଭଳି ଘଟଣାକୁ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ସଭାପତି କ୍ଷେତ୍ରବାସୀ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଉପସଭାପତି ହେମନ୍ତ କୁମାର ପାତ୍ର ବିଭିନ୍ନ କାର୍ଯ୍ୟ ଦିଗରେ ଆଲୋଚନା କରିଥିଲେ। ସେହିପରି ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ ଆସନ୍ତା ଦିନର ବିଭିନ୍ନ କାର୍ଯକ୍ରମ ନେଇ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଙ୍ଗଠନିକ ସମ୍ପାଦକ ମୋନରଞ୍ଜନ ଦଳାଇ, ଉପଦେଷ୍ଟା ରବି ମହାରଣା, ଯୁଗ୍ମ ସମ୍ପାଦକ ଜଗଦାନନ୍ଦ ଦାସ, କୋଷାଧ୍ୟକ୍ଷ ଜିବନାନନ୍ଦ କର, ସଦସ୍ୟ ସୂର୍ଯ୍ୟ ଦାସ, ବରିଷ୍ଠ ସାମ୍ବାଦିକ ଅଭୟ ପାଢ଼ୀଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

■ ୬୧ତମ ରାଜ୍ୟ ଜୁନିଅର ବାସ୍କେଟବଲ୍ ଚାମ୍ପିଅନ୍‌ସିପ

## ଗଞ୍ଜାମ ବାଳକ ଓ ବାଳିକା ଦଳ ଘୋଷିତ



ବ୍ରହ୍ମପୁର,୨୯ ।୬(ସମିସ): ଓଡିଶା ବାସ୍କେଟବଲ ସଂଘ ଆନୁକୂଲ୍ୟରେ ବ୍ରହ୍ମପୁର ଉପକଣ୍ଠ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେଉଛି ୬୧ତମ ରାଜ୍ୟ ଜୁନିଅର ଉଭୟ ବାଳକ ଓ ବାଳିକା ଚାମ୍ପିଆନସିପ। ୨୯ତାରିଖ ଠାରୁ ଆସନ୍ତା ଜୁଲାଇ ୨ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଚାମ୍ପିଅନ୍‌ସିପ ପାଇଁ ଗଞ୍ଜାମର ଉଭୟ ବାଳକ ଓ ବାଳିକା ଦଳ ଘୋଷିତ ହୋଇଯାଇଛି। ଘୋଷିତ ବାଳକ ଦଳରେ ଓମ ସେଠୀ, ଏସ. ଅନୁଭବ, ଏନ. ଆୟୁଷ, ଆଦିତ୍ୟ ସେଠୀ, ଆୟୁଷ କୁମାର ପ୍ରଧାନ, ଜୁଗଲ ହିକ୍କା, ଅନୁରାଗ ପଟ୍ଟନାୟକ, ଆଲୋକ ରଂଜନ ଲାକ୍ରା, ଅନୁରାଗ ମାଝି, ୟେଶରାଜ ରାମଜୀ ରାଉତ, ବିଶ୍ୱଜିତ ପାତ୍ର ଓ ସତ୍ୟ ପ୍ରକାଶ ପ୍ରଧାନ ଦଳରେ ସାମିଲ ହୋଇଥିବା ବେଳେ କୋଚ ଭାବେ ଆଶିଷ କୁମାର ଜେନା, ସହକାରୀ କୋଚ ଭାବେ ମୃତ୍ୟୁଞ୍ଜୟ ସାହୁ ଓ ମେନେଜର ଭାବେ ଶୁଭିମଲ ସାହୁ ଦଳ ସହିତ ଗସ୍ତ କରିଛନ୍ତି। ସେହିଭଳି ଘୋଷିତ ବାଳିକା ଦଳରେ ନୂତନ ନାୟକ, ଲିପ୍ସା ସେଠୀ, ପି. ପ୍ରିୟା ପାତ୍ର, ଶ୍ରୀୟା ମହାପାତ୍ର, ସ୍ୱନ୍ଦନା ମହାନ୍ତି, ସୌମ୍ୟା ଦାଶ, ଅଙ୍କିତା ପାଳ, ଦୀପ୍ତିମୟୀ ସାହୁ, ଆସମ୍‌ସା ରାଜଗୁରୁ, ଇସିକା ବେହେରା, ବିଜୟୀନି ମହାପାତ୍ର, ଦିବ୍ୟଙ୍କା ରାଉତରାୟ ଦଳରେ ସାମିଲ ହୋଇଛନ୍ତି। ବାଳିକା ଦଳର କୋଚ ଭାବେ ଭି. ନାଗେଶ୍ୱର ରାଓ ଓ ମ୍ୟାନେଜର ଭାବେ ମିସ କରିସ୍ମା ବେହେରା ଦଳ ସହିତ ଯାତ୍ରା କରିଥିବା ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ରେ, କାମେଶ୍ୱର ରାଓ ଜଣାଇଛନ୍ତି। ରାଜ୍ୟ ଜୁନିଅର ଚାମ୍ପଅନ୍‌ସିପରେ ଉଭୟ ଦଳ ଭଲ ଖେଳ ପ୍ରଦର୍ଶନ କରିବେ ବୋଲି ଜିଲ୍ଲା ଉପ ସଭାପତି ରାଜ ନାରାୟଣ ପାତ୍ର ଆଶା ବ୍ୟକ୍ତ କରିବା ସହିତ ଉଭୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ

# ସହକାରୀ ନିର୍ବାହୀଯନ୍ତ୍ରୀ ସୁଶୀଲ ଗିରଫ

ବ୍ରହ୍ମପୁର,୨୯ ।୬(ସମିସ)

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ବ୍ଲକର ସହକାରୀ ନିର୍ବାହୀଯନ୍ତ୍ରୀ ସୁଶୀଲ କୁମାର ପଣ୍ଡାଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ରବିବାର ଗିରଫ କରାଯାଇ ସୋମବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି। ଶ୍ରୀ ପଣ୍ଡାଙ୍କ ଆୟଠାରୁ ୧୬୩ପ୍ରତିଶତ ଅଧିକ ସମ୍ପତ୍ତି ଠାବ ହୋଇଥିବା ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଇଂ. ପଣ୍ଡା ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ମୋଟ ସମ୍ପତ୍ତିକୁ ନେଇ ଅଧିକ ତଦନ୍ତ ଜାରି ରହିଥିବା ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ପ୍ରଦୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଇଂ. ପଣ୍ଡା ଓ ତାଙ୍କ ପତ୍ନୀଙ୍କ ନାମରେ ମୋଟ ୧କୋଟି ୧୨ଲକ୍ଷ ଟଙ୍କାର ବ୍ୟାଙ୍କଜମା ଓ ବୀମା ପଲିସି ରହିଥିବା ଏସପି ସୂଚନା ଦେଇଛନ୍ତି।

ପ୍ରକାଶ ଥାଉକି, ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ପରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଶନିବାର ଭୋରରୁ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ବ୍ରହ୍ମପୁର ରାମହରିନଗର ସ୍ଥିତ ୩ମହଲା କୋଠା, ଆଙ୍କୁଲି ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ଥିବା ଦାମୀ ଫ୍ଲାଟ, ଉକ୍ତ ଆପାର୍ଟମେଣ୍ଟରେ ଯନ୍ତ୍ରୀ ପଣ୍ଡାଙ୍କ ଭାଇ ନାମରେ ଥିବା ଫ୍ଲାଟ, ପୁରୀ ତୁଡଙ୍ଗ ସାହିରେ ଥିବା ଫ୍ଲାଟ, କବିସୂର୍ଯ୍ୟନଗର ଗୁଡିଆଳି ସ୍ଥିତ ପୈତୃକ ବାସଭବନ, ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବେଢା ଗ୍ରାମରେ ଥିବା ଶ୍ୱଶୁର ଘରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଭିଜିଲାନ୍ସର ୬ଜଣ ଡିଏସପି ଓ ୭ଜଣ ଇନ୍ସପେକ୍ଟରଙ୍କୁ ନେଇ ଗଠିତ ଏକାଧିକ ଦଳ ଏହି ଚଢ଼ଉରେ ସାମିଲ ହୋଇଥିଲେ। ଚଢ଼ଉ ବେଳେ ଯନ୍ତ୍ରୀ ପଣ୍ଡାଙ୍କ ଘରୁ ନଗଦ ୨ଲକ୍ଷ ୫ହଜାର ଟଙ୍କା ସହ ୧୨୬ଗ୍ରାମ ଓଜନର ସୁନା ଅଳଙ୍କାର, ଯନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କ ନାମରେ ଭୁବନେଶ୍ୱର, ଖୋର୍ଦ୍ଧା ଓ ବ୍ରହ୍ମପୁରରେ ଥିବା ୬ଟି ପ୍ଲଟ, ବିଭିନ୍ନ ବ୍ୟାଙ୍କ ଓ ବୀମା କମ୍ପାନୀରେ ଥିବା ୧କୋଟି ୧୨ଲକ୍ଷ ଜମା ଟଙ୍କା, ୧୦ଲକ୍ଷ ଟଙ୍କାର ଗୃହ ଉପକରଣ, ଦାମୀ କାର ଓ ଦୁଇଟି ବାଇକ ଠାବ ହୋଇଥିଲା। ଇଂ. ପଣ୍ଡା ଚଳିତ ମାସ ୩୦ତାରିଖରେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥାନ୍ତେ। ହେଲେ ତାହା ପୂର୍ବରୁ ଅର୍ଥାତ ୨୮ତାରିଖ ଦିନ ଭିଜିଲାନ୍ସ ଚଢଉ ପରେ ସୁବକିଛି ବିଗିଡି ଯାଇଛି। ଅନ୍ୟପକ୍ଷରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳରେ ସହଯୋଗ କରିଥିବାରୁ ଭିଜିଲାନ୍ସ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ପଣ୍ଡାଙ୍କ ପତ୍ନୀ ନାମରେ ମଧ୍ୟ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ଇଂ. ପଣ୍ଡା ଓ ତାଙ୍କ ପତ୍ନୀଙ୍କ ନାମରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ଥିବା ଏକ ଲକରକୁ ଏଯାଏଁ ଖୋଲାଯାଇ ପାରିନାହିଁ। ଅଧିକ ତଦନ୍ତ ଜାରି ରହିଥିବାରୁ ଇଂ. ପଣ୍ଡା ଓ ତାଙ୍କ ପରିବାର ଲୋକଙ୍କ ନାମରେ ମୋଟ କେତେ ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ରହିଛି ଭିଜିଲାନ୍ସ ପକ୍ଷରୁ ତାହାର ସ୍ପଷ୍ଟ ସୂଚନା ମିଳିପାରିନାହିଁ।

**ପତ୍ନୀଙ୍କ ନାମରେ ମଧ୍ୟ ମାମଲା ରୁଜୁ**

**ଆୟରୁ ୧୬୩ ପ୍ରତିଶତ ଅଧିକ ସମ୍ପତ୍ତି ଠାବ**





## ଜନ୍ମବେଦୀରେ ମଣିମାଙ୍କ କଚ୍ଛପ ଅବତାର





ବ୍ରହ୍ମପୁର,୨୯ ।୬(ସମିସ)



ମାଉସୀ ମା' ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରବିବାର ଦ୍ୱିତୀୟ ଦିନ ହୋଇଥିବା ବେଳେ ଶ୍ରୀ ଜଗନ୍ନାଥ କଚ୍ଛପ ଅବତାରରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ସହରର ପ୍ରମୁଖ ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ଜଗନ୍ନାଥ ମନ୍ଦିର, ବିଜିପୁର ଜଗନ୍ନାଥ ମନ୍ଦିର, କୋର୍ଟପେଟା ସ୍ଥିତ ଜଗନ୍ନାଥ ମନ୍ଦିର, ଉତ୍କଳଆଶ୍ରମ ରୋଡ ସ୍ଥିତ ଜଗନ୍ନାଥ ମନ୍ଦିର, ଗୋଇଲୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର, ପାତେଳେଶ୍ୱର ଜଗନ୍ନାଥ ମନ୍ଦିର, ବଡବଜାର ବଡଜଗନ୍ନାଥ ମନ୍ଦିର ଓ ସାନ ଜଗନ୍ନାଥ ମନ୍ଦିର, ତ୍ରିମୂର୍ତ୍ତି ଜଗନ୍ନାଥ ମନ୍ଦିର ସମେତ ଲାଞ୍ଜିପଲ୍ଲୀ ଓ ଖୋଡ଼ାସିଂ ଅଞ୍ଚଳରେ ଥିବା ମାଉସୀ ମା' ମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କୁ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏହା ସହ କିଛି ସ୍ଥାନରେ ସନ୍ଧ୍ୟାରେ ଭଜନ ସମାରୋହ ସହିତ ବିଭିନ୍ନ ସଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଭିଡ଼କୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୁଲିସ ପକ୍ଷରୁ ବିଭିନ୍ନ ମାଉସୀ ମା' ମନ୍ଦିର ନିକଟରେ ପୁଲିସ ମୁତୟନ କରାଯାଇଛି।

## ଇନ୍ଦ୍ରଧନୁ ସାହିତ୍ୟ ସଂସଦର କବିତା ଆସର

ବ୍ରହ୍ମପୁର,୨୯ ।୬(ସମିସ)

ଇନ୍ଦ୍ରଧନୁ ସାହିତ୍ୟ ସଂସଦର ବର୍ଷାକାଳୀନ ସାହିତ୍ୟ ଆସରରେ ଅନୁଷ୍ଠିତ ହୋଇଛି। ସାମ୍ବାଦିକ ପ୍ରକାଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ କବି ପ୍ରଫୁଲ କୁମାର ତ୍ରିପାଠୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ସନ୍ତୋଷ ଦାଶ ଯୋଗ ଦେଇ ବର୍ତ୍ତମାନ ସମାଜରେ ସାହିତ୍ୟ ବଞ୍ଚାଇବାକୁ ହେଲେ ସାଧନା କରି ସାହିତ୍ୟ ସୃଷ୍ଟି କରି କବିତା ଏବଂ ଗଳ୍ପ ନିଜ ଚିନ୍ତାରେ ଲେଖିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କବୟିତ୍ରୀ ନିହାରିକା ସାହୁଙ୍କ ସଂଯୋଜନାରେ କବି ମନମୋହନ ରଥ, ଅରୁଣ କୁମାର ପାତ୍ର, ଗଙ୍ଗାଧର ମାହାଙ୍କୁଡ, ଦୀପ୍ତିଲେଖା ମିଶ୍ର, ଜୋତ୍ସ୍ନାରାଣୀ ଦେବୀ, ସରୋଜିନୀ ସାହୁ ଓ ପଦ୍ମିନୀ ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ।



କବିତା ଗୁଡିକୁ ସୁଚେତା ପାଣିଗ୍ରାହୀ ସମୀକ୍ଷା କରିଥିଲେ। ଦରଦୀ କବି ବି. ସତ୍ୟମ ଆଚାରୀ ଭଜନ ପରିବେଷଣ କରିଥିଲେ। ଶେଷରେ ଇନ୍ଦ୍ରଧନୁ ସାହିତ୍ୟ ସଂସଦର ଆର. ସୁନନ୍ଦା ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## ସସ୍ କାରଖାନା ସିଲ୍ କଲା ପୁଲିସ

ବ୍ରହ୍ମପୁର,୨୯ ।୬(ସମିସ): ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ପିଚିପିଚିଆ ନଗରରେ ଥିବା ଏକ ସସ୍ କାରଖାନାରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଛି। ସେଠାରୁ ବିପୁଳ ପରିମାଣର କଞ୍ଚାମାଲ୍ ଜବତ ହୋଇଥିବାବେଳେ ପୁଲିସ ସେହି କାରଖାନାରେ କାର୍ଯ୍ୟରତ ୨ ଜଣ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଶ୍ରୀରାମନଗର ନିକଟ ପିଚିପିଚା ନଗରରେ ଥିବା ଏକ ଘରେ ଆଜକୁ ୨ବର୍ଷ ହେବ ନକଲି ସସ ପ୍ରସ୍ତୁତ କରାଯାଉଥିବା ବଡ଼ବଜାର ଥାନା ପୁଲିସକୁ ଖବର ମିଳିଥିଲା। ସେହିକ୍ରମରେ ଆଜି ସକାଳୁ ପୁଲିସର ଏକ ଟିମ୍ ଉକ୍ତ ଘରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ସେହି ଘରୁ ଅନମୋଲ କମ୍ପାନୀ ନାମରେ ପ୍ରସ୍ତୁତ ହୋଇଥିବା ଟମାଟୋ ସସ୍, ଚିଲି ସସ୍ ଓ ଭିନେଗାର ଆଦି ମିଳିଥିଲା। ସେହିପରି ସସ୍ ଓ ଭିନେଗାର ପ୍ରସ୍ତୁତ ପାଇଁ ରଖାଯାଇଥିବା ବିପୁଳ ପରିମାଣର କଞ୍ଚାମାଲ ଓ ମେସିନ ରଖାଯାଇଥିବା ପୁଲିସ ଦେଖିଥିଲା। ସେହି ସମୟରେ ଉକ୍ତ କାରଖାନାରେ ୨ ଜଣ କର୍ମଚାରୀ କାର୍ଯ୍ୟରତ ଥିଲେ। ତେବେ ଏହି କାରକାନା ଚଳାଇବା ପାଇଁ ଅନୁମତିପତ୍ର ରହିଛି କି ନାହିଁ ତାହା ଜାଣିବାକୁ ପୁଲିସ ପକ୍ଷରୁ ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀଙ୍କୁ ଡକାଯାଇଥିଲା। ହେଲେ ଛୁଟି ଦିନରେ ବିଭାଗୀୟ ଅଧିକାରୀମାନେ ନପହଞ୍ଚିବାରୁ ପୁଲିସ ଉକ୍ତ କାରଖାନାକୁ ସିଲ୍ କରିବା ସହ ୨ କର୍ମଚାରୀଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ତଦନ୍ତ ପରେଏହା ନକଲି କାରଖାନା କି ନୁହେଁ ତାହା ଜଣାପଡିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ମୋରମ ଚୋରିବେଳେ ମାଡ଼ିବସିଲା ପୁଲିସ

ବ୍ରହ୍ମପୁର,୨୯ ।୬(ସମିସ)



କୁକୁଡ଼ାଖଣ୍ଡି ଅଞ୍ଚଳରୁ ନିୟମିତ ମୋରମ ଭଳି ଲଘୁ ଖଣିଜ ଦ୍ରବ୍ୟର ଚୋରାଚାଲାଣ ନେଇ ଅଭିଯୋଗ ହେଉଥିଲା। ଜେସିବି ଓ ଟ୍ରାକ୍ଟର ଯୋଗେ ମୋରମ ଉତ୍ତୋଳନ କରି ଚୋରାଚାଲାଣ ବେଳେ ଅତର୍କିତ ଭାବେ ପୁଲିସ ଚଢ଼ଉ କରିଛି। ଘଟଣାରେ ମୋଟ ୬ ଜଣଙ୍କୁ ପୁଲିସ ଗିରଫ କରିଥିବାବେଳେ ଘଟଣାସ୍ଥଳରୁ ୪ଟି ଟ୍ରାକ୍ଟର ଓ ଗୋଟିଏ ଜେସିବି ମେସିନ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମୋରମ ଚୋରାଚାଲାଣର ମୁଖ୍ୟ କୁହାଯାଉଥିବା ରାଇଖୋଳ ଗ୍ରାମର ଦୀପକ ଗୌଡ(୨୬), ଜେସିବି ଚାଳକ ତଥା ଜରଡା କେସିପୁର ଗ୍ରାମର ପ୍ରଶାନ୍ତ ଗୌଡ(୩୬) ଓ ୪ଜଣ ଟ୍ରାକ୍ଟର ଚାଳକ ଯଥା ରାଇଖୋଳର ବିଜୟ କୁମାର ଗୌଡ(୩୫), ଗୁରୁବାରିଆ ଗୌଡ(୩୮) ପଦରବାଲି ଗ୍ରାମର ସୁକାନ୍ତ ପାତ୍ର(୩୩) ଓ ଦିଲିପ ଦାସ(୨୫)। ଏନେଇ ସଦର ଥାନାରେ ନଂ.୨୯୧/୨୫ରେ ଏକ ମାମଲା ରୁଜୁ ହେବା ସହ ଉପରୋକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

**୬ ଗିରଫ, ଟ୍ରାକ୍ଟର ଓ ଜେସିବି ଜବତ**

ପ୍ରକାଶ ଥାଉକି, କୁକୁଡାଖଣ୍ଡି ଅଗ୍ନିଶମ କାର୍ଯ୍ୟାଳୟ ପଛପାଖରୁ ଜେସିବି ଓ ଏକାଧିକ ଟ୍ରାକ୍ଟର ଯୋଗେ ବେଆଇନ ଭାବେ ମୋରମ ଉତ୍ତୋଳନ କରାଯାଇ ଚୋରା ଚାଲାଣ କରାଯାଉଥିବା ନେଇ ସଦର ଥାନା ପୁଲିସ ସୂଚନା ପାଇଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଏସଆଇ ପି.କେ. ସାହୁ ଓ ତାଙ୍କ ଟିମ ଘଟଣାସ୍ଥଳରେ ଅତର୍କିତ ଚଢଉ କରିଥିଲେ। ଚଢଉ ସମୟରେ ଏକ ଜେସିବିରେ ମୋରମ ବାହାର କରାଯାଇ ଟ୍ରାକ୍ଟରରେ ଲୋଡ କରି ଅନ୍ୟତ୍ର ପଠାଯାଉଥିବା ପୁଲିସ ଦେଖିବାକୁ ପାଇଥିଲା। ଘଟଣାସ୍ଥଳକୁ ଯାଇ ପଚରାଉଚରା ବେଳେ ମୋରମ ଖୋଳୁଥିବା ଉପରୋକ୍ତ ଅଭିଯୁକ୍ତମାନେ କୌଣସି ପ୍ରକାର କାଗଜପତ୍ର କିମ୍ବା ସରକାରୀ ଅନୁମତି ପତ୍ର ଦେଖାଇ ପାରିନଥିଲେ। ଫଳରେ ଏଥିରେ ନିୟୋଜିତ ଜେସିବି ଓ ଟ୍ରାକ୍ଟରକୁ ପୁଲିସ ଜବତ କରିବା ସହ ଉପରୋକ୍ତ ୬ଅଭିଯୁକ୍ତଙ୍କୁ କାବୁ କରି ଥାନାକୁ ଆଣିଥିଲା। ଯାଞ୍ଚପରେ ଅଭିଯୁକ୍ତମାନେ ମୋରମ ଚୋରାଚାଲାଣ କରୁଥିବା ସ୍ୱୀକାର କରିଥିଲେ। ଏବଂ ପରବର୍ତ୍ତି ସମୟରେ ସମସ୍ତଙ୍କୁ ଗିରଫ କରାଯାଇଥିଲା।

## ୬୧ତମ ରାଜ୍ୟ ଜୁନିୟର ବାସ୍କେଟବଲ୍ ଚାମ୍ପିୟନସିପ୍ ଉଦ୍‌ଘାଟିତ

ରଙ୍ଗେଇଲୁଣ୍ଡା,୨୯ ।୬(ସମିସ)



ବ୍ରହ୍ମପୁର ଉପକଣ୍ଠ ତଥା ପାଲୁର ହିଲ୍ ସ୍ଥିତ ନିଷ୍ଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ରବିବାର ଅପରାହ୍ନରେ ଓଡିଶା ବାସ୍କେଟବଲ ସଂଘ ଆନୁକୂଲ୍ୟରେ ୬୧ତମ ରାଜ୍ୟ ଜୁନିଅର ବାସ୍କେଟବଲ ଚାମ୍ପିୟନସିପ୍ ଉଭୟ ବାଳକ ଓ ବାଳିକା ବର୍ଗରେ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏସପି ଡ. ସର୍ବଣା ବିବେକ ଏମ, ସମ୍ମାନିତ ଅତିଥି ଭାବେ ନିଷ୍ଟ ବିଶ୍ୱବିଦ୍ୟାଳୟର ଡିନ୍ ଡ. ପି. ରାଜେଶ କୁମାର, ଓଡ଼ିଶା ବାସ୍କେଟବଲ ସଙ୍ଘର ସଭାପତି ଜ୍ଞାନରଞ୍ଜନ ପରିଡ଼ା, ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ଉପାଧ୍ୟକ୍ଷ ତଥା ବୈଷୟିକ କମିଟିର ଅଧ୍ୟକ୍ଷ ଶରତ ମହାପାତ୍ର, ଓଡ଼ିଶା ବାସ୍କେଟବଲ ସଂଘର ଉପସଭାପତି ନିରୋଜ ବନ୍ଧୁ ଯାଦବ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, ପରିଷଦ ସଦସ୍ୟ ସନ୍ତୋଷ ମହାନ୍ତି ଓ ସତୀଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଓଡିଶାର ବିଭିନ୍ନ ଜିଲ୍ଲା ଏବଂ କ୍ଲବରୁ ୨୯ଟି ବାଳକ ଏବଂ ୧୪ଟି ବାଳିକା ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ଉଦ୍‌ଘାଟନୀ ଦିବସରେ ମୋଟ ୧୭ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଚାମ୍ପିଅନସିପରେ ସର୍ବାଧିକ ୬୪୦ଜଣ ପ୍ରତିଯୋଗୀ, ରେଫେରୀ ଓ ସ୍ୱେଚ୍ଛାସେବକ ଅଂଶଗ୍ରହଣ କରିଛନ୍ତି। ସୂଚନା ଯୋଗ୍ୟ ଯେ ଏହି ପ୍ରତିଯୋଗିତା ଆସନ୍ତା ଜୁଲାଇ ୨ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ପରିଚାଳନାରେ ନିଷ୍ଟ ବିଶ୍ୱବିଦ୍ୟାଳୟର କର୍ମକର୍ତାମାନେ ସହଯୋଗ କରୁଛନ୍ତି।

## ଆହତ ଯୁବକଙ୍କୁ ମେଡିକାଲ ନେଲେ ବ୍ରହ୍ମପୁର ବିଧାୟକ



ବ୍ରହ୍ମପୁର,୨୯ ।୬(ସମିସ): ଆହତ ହୋଇ ରାସ୍ତାରେ ପଡ଼ିଥିବା ଜଣେ ଯୁବକଙ୍କୁ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଉଦ୍ଧାର କରି ଚିକିତ୍ସା ନିମନ୍ତେ ମେଡିକାଲରେ ଭର୍ତ୍ତି କରିଛନ୍ତି। ଧର୍ମନଗରର ଶୁଭମ ସାହୁ ସାଇକଲରେ ରବିବାର କୌଣସି କାର୍ଯ୍ୟରେ ଯାଉଥିବାବେଳେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ନିକଟରେ ଏକ ବାଇକ ଧକ୍କା ଦେଇଥିଲା। ସେହି ରାସ୍ତା ଦେଇ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯାଉଥିଲେ। ଦୁର୍ଘଟଣା ଶିକାର ହୋଇ ଶୁଭମ ରାସ୍ତାରେ ପଡ଼ିଥିବା ଦେଖି ବିଧାୟକ ନିଜ ଗାଡ଼ିରେ ନେଇ ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ବ୍ରହ୍ମପୁର ବିଧାୟକଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ସକାଳ THE SAKALA



www.sakalaepaper.com

## ନୂଆସାହି ଡ୍ୟାମ୍‌ରୁ ହାତଗୋଡ଼ ବନ୍ଧା ମୃତଦେହ ଉଦ୍ଧାର ଘଟଣା

# ଜମିଜମାରୁ ହତ୍ୟା; ୨ ଗିରଫ

ପାରଳାଖେମୁଣ୍ଡି, ୨୯ ।୬(ସମିସ)



- ହତ୍ୟାକରି ଜଙ୍ଗଲରେ ଲୁଚାଇଥିଲା ଶବ
- ରାତିରେ ଆଣି ପଥର ବାନ୍ଧି ଡ୍ୟାମ୍‌ରେ ଫିଙ୍ଗିଥିଲେ

ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ ନୂଆସାହି ଡ୍ୟାମରୁ ରାମଚନ୍ଦ୍ର ନାୟକଙ୍କ ଗୋଡହାତ ବନ୍ଧା ମୃତଦେହ ମିଳିବା ଘଟଣାର ରହସ୍ୟ ଉନ୍ମୋଚନ ହୋଇଛି । ଜମିଜମା ବାବଦରୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି । ୨୨ ତାରିଖରେ ଜମିଜମାକୁ ନେଇ କଡ଼ମାସିଂ ଗ୍ରାମର ମୃତ ରାମଚନ୍ଦ୍ର ନାୟକଙ୍କ ସହ ଅଭିଯୁକ୍ତ ଅତୁଲ ପ୍ରସାଦ ବେହେର୍ଦଲାଇ (୨୨)ଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଉତ୍ତ୍ୟକ୍ତ ହୋଇ ଏକ ପଥରରେ ଆକ୍ରମଣ କରିବା ସହ ଏକ ଟାଙ୍ଗିଆର ପଛପାର୍ଶ୍ୱ ଭାଗରେ ଅନାଘା ଗ୍ରାମର ଅଭିଯୁକ୍ତ ଅତୁଲ ରାମଚନ୍ଦ୍ରଙ୍କ ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ । ଏପରିକି ଲଟି ଦୌଡିରେ ବେକକୁ ଭିଡ଼ି ହତ୍ୟା କରିଥିବା ସ୍ୱୀକାର କରିଛି ହତ୍ୟାକାରୀ । ହତ୍ୟା କରି ମୃତଦେହକୁ ଜଙ୍ଗଲ ଭିତରେ ଲୁଚାଇ ରଖିଥିଲା ଅଭିଯୁକ୍ତ । ଏହାପରେ କରଞ୍ଜପଦା ଗ୍ରାମରେ ରହୁଥିବା ନିଜ ସମ୍ପର୍କୀୟ ଭାଇ ବିଶ୍ୱଭାନୁ ପ୍ରଧାନ (୧୮)କୁ ସମସ୍ତ ଘଟଣା କହିବା ପରେ ବିଳମ୍ବିତ ରାତିରେ ତାଙ୍କ ସାହାଯ୍ୟରେ ବୋହି ଆଣି ପଥର ବାନ୍ଧି ନୂଆସାହି ଡ୍ୟାମର ପାଣିରେ ପକାଇ ଦେଇଥିଲା ଅତୁଲ । ମୃତଦେହ ଲୁଚାଇବାରେ ସହଯୋଗ କରିଥିବାରୁ ବିଶ୍ୱଭାନୁକୁ ମଧ୍ୟ ଗିରଫ କରାଯାଇଛି ।

ଏନେଇ ରାମଗିରି ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଥିବା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି । ହତ୍ୟାରେ ବ୍ୟବହୃତ ଟାଙ୍ଗିଆ, ଦୁଇ ପଥର, ଏକ ଲଟି ଦୌଡି, ଅଭିଯୁକ୍ତଙ୍କ ରକ୍ତ ଭିଜା ପୋଷାକ ସମେତ ଘଟଣାସ୍ଥଳରେ ମୃତକଙ୍କ ଗୋଟିଏ ଭଙ୍ଗା ମୋବାଇଲ ଫୋନ୍ ଜବତ କରାଯାଇଛି । ଅନ୍ୟପକ୍ଷରେ ଏହି ହତ୍ୟା ଘଟଣାର ତଦନ୍ତରେ ଶିଥିଳତାର ସହ ରାମଗିରି ପୁଲିସ ତଦନ୍ତ କରୁଥିବା ଏବଂ ଅଭିଯୁକ୍ତଙ୍କୁ ଧରୁନଥିବା ଅଭିଯୋଗ କରି ଶନିବାର ଅଞ୍ଚଳବାସୀ ରାମଗିରି ଥାନା ଘେରାଉ କରିଥିଲେ । ରାମଗିରି ପୁଲିସ ତ୍ୱରିତ ପଦକ୍ଷେପ ନେଇ ଅନଘା ଗ୍ରାମରୁ ୭ ଜଣଙ୍କୁ ଉଠାଇ ଆଣି ତଦନ୍ତ ଆରମ୍ଭ କରିଥିଲା । ଏଥିମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ଅତୁଲ ବେହେର୍ଦଲାଇ ଓ ହତ୍ୟା ପରେ ସହଯୋଗ କରିଥିବା ତାର ସମ୍ପର୍କୀୟ ଭାଇ ବିଶ୍ୱଭାନୁ ପ୍ରଧାନ ହତ୍ୟା କରିଥିବା ସ୍ୱୀକାର କରିଥିବା ଜଣାଯାଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଆର୍.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅମିତାଭ ପଣ୍ଡା, ରାମଗିରି ଥାନା ଅଧିକାରୀ ଗଜପତି ଦୋରା ଓ ଏଏସ୍ଆଇ ଅଶୋକ କୁମାର ବେହେରା ଉପସ୍ଥିତ ଥିଲେ ।

## ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

ମୋହନା, ୨୯।୬(ସମିସ): ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ କପାଖାଲ ଗ୍ରାମ ପୋଲ ନିକଟରେ ରବିବାର ଅପରାହ୍ନରେ ଅଜଣା ଗାଡ଼ି ଧକ୍କାରେ ୨ଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ଆହତମାନେ ହେଲେ କମଳାପୁର ଗ୍ରାମର କୁରେଶ ଗୌଡ଼ ଓ ପ୍ରଭାକର ଗୌଡ । କଳାମେରୀ ଗ୍ରାମରେ ଆୟୋଜିତ ଏକ ବିବାହ ଭୋଜିରେ ଯୋଗଦେଇ ନିଜ ଗ୍ରାମ କମଳାପୁର ଫେରୁଥିବା ବେଳେ କପାଖାଲ ନିକଟରେ ଅଜଣା ଗାଡ଼ି ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ପ୍ରକାରେ ଧକ୍କା ଦେଇଥିବା ଗାଡ଼ିଟି ଏକ ଟିପ୍ପର । ଗୁରୁତର ଦୁଇ ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଉଭୟ ଗୁରୁତର ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି ।

## ପାଣିଗଣ୍ଡା ଓ ଗୁଲାବା ଉପକେନ୍ଦ୍ର ନର୍ସିଂ ଅଧିକାରୀ ନିଲମ୍ବିତ

ପାରଳାଖେମୁଣ୍ଡି, ୨୯।୬(ସମିସ): କର୍ତ୍ତବ୍ୟରେ ଅବହେଳା ପାଇଁ ଗଜପତି ଜିଲ୍ଲା ମୋହନା ବ୍ଲକ ପାଣିଗଣ୍ଡା ଓ ଗୁଲାବା ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନର୍ସିଂ ଅଧିକାରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନିଲମ୍ବିତ କରିଛନ୍ତି । ଏହାସହ ଅନ୍ୟ ୩ଜଣ ସିଏଚ୍‌ଓଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ନିଲମ୍ବିତ ନର୍ସିଂ ଅଧିକାରୀ ହେଲେ ଗୁଲାବା ଉପକେନ୍ଦ୍ରର କୁମୁଦିନୀ ନାଗ ଏବଂ ପାଣିଗଣ୍ଡା ଉପକେନ୍ଦ୍ରର ଭାଗ୍ୟଲତା ନାୟକ । ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଉଭୟ ଅଧିକାରୀଙ୍କୁ ନିଲମ୍ବନ ଅବଧି ମଧ୍ୟରେ ତାଙ୍କର ମୁଖ୍ୟାଳୟ ମୋହନା ଗୋଷ୍ଠୀ ଚିକିତ୍ସାଳୟ ରହିବେ । ଏହାସହିତ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା ମୁଖ୍ୟାଳୟ ଛାଡିବେ ନାହିଁ ଏବଂ ସେ ଓଡ଼ିଶା ସେବା ସଂହିତାର ନିୟମ- ୯୦ ଅନୁଯାୟୀ ଜୀବିକା ନିର୍ବାହ ଭତ୍ତା ପାଇବାର ହକ୍‌ଦାର ହେବେ ବୋଲି କୁହାଯାଇଛି ।

## ତିନି ଠାକୁରଙ୍କ ମତ୍ସ୍ୟ ଓ କଚ୍ଛପ ଅବତାର

ପାରଳାଖେମୁଣ୍ଡି, ୨୯ ।୬(ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରଥଯାତ୍ରାର ତୃତୀୟ ଦିବସରେ ପ୍ରବଳ ଜନସମାଗମ ହୋଇଛି । ତୃତୀୟ ଦିବସରେ



ତିନି ଠାକୁର ମତ୍ସ୍ୟ ଓ କଚ୍ଛପ ବେଶରେ ଦର୍ଶନ ଦେଇଛନ୍ତି । ଏହି ରୂପରେ ଠାକୁରଙ୍କ ଦର୍ଶନ କରିବାକୁ ଗୁଣ୍ଡିଚାବାଡ଼ିରେ ସମଗ୍ର ଗଜପତି ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ରର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ରଥଯାତ୍ରା କମିଟି ତରଫରୁ ଆନନ୍ଦ ବଜାରରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କୁ ଲାଗି ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା । ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ୍ ମୁତୟନ ହୋଇଥିଲେ ।

ଜି.ଉଦୟଗିରି: ରଥଯାତ୍ରାରେ ବାହାରି ଗୁଣ୍ଡିଚା ମନ୍ଦିରରେ ପୂଜା ପାଉଛନ୍ତି ତିନି ଠାକୁର । ଆରମ୍ଭ ହୋଇଛି ନବ ଦିନାତ୍ମକ ଯାତ୍ରା । ଆଜି ମହାପ୍ରଭୁ କଚ୍ଛପ ଅବତାରରେ



ଦର୍ଶନ ଦେଇଛନ୍ତି । ଏହି ଅବତାରରେରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ସନ୍ଧ୍ୟା ଆଳତୀରେ ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ ପାଇଁ ପ୍ରବଳ ଜନସମାଗମ ହୋଇଥିଲା । ଶୃଙ୍ଖଳିତ ଦର୍ଶନ ପାଇଁ ପରିଚାଳନା କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ପୁଲିସ ତରଫରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରଯାଇଛି । ପୂଜକ ଅଚ୍ୟୁତ ପଣ୍ଡା, ଚନ୍ଦ୍ର କାନ୍ତ ପଣ୍ଡା ଓ ମାନସ ପଣ୍ଡା ସହଯୋଗ କରିଛନ୍ତି ।

## ହୋଟେଲରେ ମିଳିତ ଚଢ଼ଉ

## ୮ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ

ପାରଳାଖେମୁଣ୍ଡି, ୨୯ ।୬ (ସମିସ): ପାରଳାଖେମୁଣ୍ଡି ସହରରେ ଥିବା ହୋଟେଲ ଗୁଡ଼ିକ ଉପରେ ଜିଲ୍ଲା ପ୍ରଶାସନ ତରଫରୁ ମିଳିତ ଚଢ଼ଉ କରାଯାଇ ୮ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି । ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଯୋଗାଣ ବିଭାଗ, ଖାଦ୍ୟ ନିରାପତ୍ତା ଅଧିକାରୀ ଓ ପୌରପରିଷଦ ତରଫରୁ ଏହି ମିଳିତ ଚଢ଼ଉ କରାଯାଇଥିଲା । ହୋଟେଲରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ବ୍ୟବହାର ହେଉଥିବା ଜିଲ୍ଲା ପ୍ରଶାସନ ନିକଟରେ ଖବର ପହଞ୍ଚିଥିଲା । ଜିଲ୍ଲାପାଳ



ଶ୍ରୀ ଦାଶ ସମ୍ପୃକ୍ତ ବିଭାଗକୁ ଚଢ଼ଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ମୁତାବକ ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁଚରଣ ପରିଡ଼ା, ଖାଦ୍ୟ ନିରାପତ୍ତା ଅଧିକାରୀ ତପସ୍ୱିନୀ ବେହେରା ଓ ପୌରପରିଷଦର ଅଧିକାରୀ ମିଳିତ ଭାବେ ଚଢ଼ଉ କରି ବିଭିନ୍ନ ହୋଟେଲରୁ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡରକୁ ଜବତ କରିଥିଲେ । ଚଢଉ ବେଳେ ଖାଦ୍ୟ ନିରାପତ୍ତା ଅଧିକାରୀ ଶ୍ରୀମତୀ ବେହେରା ହୋଟେଲର ସଫାସୁତୁରା ଓ ଖାଦ୍ୟ ଗୁଣବତ୍ତା ଉପରେ ସଚେତନତା କରାଇଥିଲେ ।

## ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

ଫୁଲବାଣୀ, ୨୯।୬(ସମିସ): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ ଜିଲ୍ଲା ଯୋଜନା ଓ ସଂଖ୍ୟାନ ଉପନିର୍ଦ୍ଦେଶକ ଭୀମସେନ ବାରଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଭାରତୀୟ ପରିସଂଖ୍ୟାନର ଜନକ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହଲାନବିଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏ ଅବସରରେ ଜିଲ୍ଲାସ୍ତରରେ ଆଧିକାରିକ ପରିସଂଖ୍ୟାନର ସଶକ୍ତିକରଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ଜିଲ୍ଲା ସ୍ତରୀୟ ଅଧିକାରୀ ଅତୁଲ ଚନ୍ଦ୍ର ପ୍ରଧାନ, ଆଶିଷ୍ କୁମାର ଦିଗାଲ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରଣୟ କୁମାରନାୟକ, ସହକାରୀ ଉପନର୍ଦ୍ଦେଶକ ପ୍ରଶାନ୍ତ କହଁର,




ସଚିଦାନନ୍ଦ ଦାସ ଓ ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ଇଂ.ହରି ଶଙ୍କର ରାଉତ ଯୋଗ ଦେଇ କନ୍ଧମାଳ ଜିଲାର ଗ୍ରାମୀଣ ଅଞ୍ଚଳରେ ସମାବେଶୀ ବିକାଶ ଓ ସ୍ଥାୟୀ ପ୍ରଗତି ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ଶିକ୍ଷାବିତ୍, ଛାତ୍ରଛାତ୍ରୀ, ବୁଦ୍ଧଜୀବି ଏବଂ ଜିଲ୍ଲା ଯୋଜନା ଓ ନିରୀକ୍ଷଣ ଏକକର ବୃତ୍ତିଜୀବି ଯୋଗ ଦେଇଥିଲେ । କ୍ଷେତ୍ର ପରିଦର୍ଶିକା ଦେବସ୍ମିତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା କାର୍ଯ୍ୟାଳୟର ଚିତ୍ତ ରଞ୍ଜନ ସାହୁ, ସୁଭମ ପ୍ରଧାନ ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ସଫଳ ଟାଏକ୍ୱୋଣ୍ଡୋ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା



ପାରଳାଖେମୁଣ୍ଡି, ୨୯ ।୬(ସମିସ): ହାଇଦ୍ରାବାଦ ସ୍ଥିତ ଜିଏମସି ବାଲୟୋଗୀ ଇନଡୋର୍ ଷ୍ଟାଡିୟମରେ ଚଳିତ ବର୍ଷ ୮ମ ଜାତୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ଗଜପତି ପ୍ରତିଯୋଗୀ ବେଶ ସଫଳତା ପାଇଥିଲେ । ଏଥିରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ସହ ଗଜପତି ଜିଲ୍ଲା ଟାଏକ୍ୱୋଣ୍ଡୋ ଏକାଡେମୀ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମହାପାତ୍ର ରବିବାର ପାରଳାଖେମୁଣ୍ଡିରେ ପହଞ୍ଚିବା ପରେ ପ୍ରତିଯୋଗୀ ଓ ପ୍ରଶିକ୍ଷକଙ୍କୁ ବସଷ୍ଟାଣ୍ଡ ଠାରେ ପୁଷ୍ପଗୁଚ୍ଛ ସହ ମିଠା ଖୁଆଇ ସ୍ୱାଗତ କରାଯାଇଥିଲା । ପ୍ରତିଯୋଗୀତାରେ ବିଭିନ୍ନ ରାଜ୍ୟରୁ ୯୮୯ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ଏଥିରେ ଗଜପତି ଜିଲ୍ଲା ଟାଏକ୍ୱୋଣ୍ଡୋ ଅନୁଷ୍ଠାନରୁ ୧୩ ଜଣ ପ୍ରତିଯୋଗୀ (୬ ବାଳିକା ଓ ୭ ବାଳକ) ଅଂଶଗ୍ରହଣ କରିଥିଲେ ।

## ଜିଲ୍ଲା ଭିଜନ୍ ଡକ୍ୟୁମେଣ୍ଟ୍‌କୁ ନେଇ ଆଲୋଚନାଚକ୍ର



ପାରଳାଖେମୁଣ୍ଡି, ୨୯ ।୬(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଗଜପତି ଜିଲ୍ଲା ନାଗରିକ ମଞ୍ଚ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଛାତ୍ର, ଶିକ୍ଷକ, ଅଧ୍ୟାପକ, ଆଇନଜୀବୀ, କୃଷକ, ଶ୍ରମିକ, ବ୍ୟବସାୟୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସାହିତ୍ୟିକ, ଗବେଷକ, ଐତିହାସିକ, ବ୍ୟାଙ୍କ କର୍ମଚାରୀ, ସମାଜସେବୀ ଆଦି ସବୁବର୍ଗର ପ୍ରତିନିଧି ଯୋଗ ଦେଇଥିଲେ । ଓଡ଼ିଶା ସରକାର ପ୍ରସ୍ତୁତ କରିଥିବା ଭିଜନ୍ ଡକ୍ୟୁମେଣ୍ଟ ୨୦୩୬, ୨୦୪୭ ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାର ସମ୍ଭାବ୍ୟ ବିକାଶ ଦୃଶ୍ୟପଟ କିପରି ରହିବା ଆବଶ୍ୟକ ତାହା ଉଲ୍ଲେଖ ସହିତ ଏକ ଦାବି ତାଲିକା ଏହି ସଭାରେ ସମସ୍ତଙ୍କ ସହମତିରେ ପ୍ରସ୍ତୁତ କରାଯାଇଛି । ଦାବି ମଧ୍ୟରେ ମୁଖ୍ୟତଃ କୃଷି, ଜଳସେଚନ, ପର୍ଯ୍ୟଟନ, ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ସହ ପାରଳାଖେମୁଣ୍ଡି ସହରର ସାମଗ୍ରୀକ ବିକାଶକୁ ନେଇ ପ୍ରସ୍ତୁତ କରାଯାଇଛି । ଏଥିର କାର୍ଯ୍ୟକାରିତା ପାଇଁ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ୩୧ ଜଣିଆ କାର୍ଯ୍ୟନିର୍ବାହୀ ସମିତି ଗଠନ କରାଯାଇଛି । ଆବଶ୍ୟକୀୟ ସ୍ୱତନ୍ତ୍ର ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରି ସରକାରଙ୍କ ସହ ସଂଯୋଗ ରକ୍ଷା ଓ ସହଯୋଗ ପୂର୍ବକ ସମସ୍ତ ବିହିତ ପଦକ୍ଷେପ ନେବାକୁ ସଭାରେ ନିଷ୍ପତ୍ତି ନିଆଯାଇଛି । ସଭାରେ ମଞ୍ଚାସୀନ ଥିଲେ ସାରଳାଦେବ ପଟ୍ଟନାୟକ ଓ ଅଶ୍ୱିନୀ କୁମାର ପାତ୍ର । ଶିକ୍ଷାବିତ୍ ଶ୍ୟାମସୁନ୍ଦର ଗନ୍ତାୟତ ଓ ବିଚିତ୍ରାନନ୍ଦ ବେବର୍ତ୍ତା ସଂଯୋଜନା କରିଥିଲେ ।

## କ୍ଷୁଦ୍ର ଜଳସେଚନ ମଣ୍ଡଳ ନୂତନ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର

ଫୁଲବାଣୀ,୨୯।୬(ସମିସ): ଫୁଲବାଣୀ କ୍ଷୁଦ୍ର ଜଳସେଚନ ମଣ୍ଡଳର ନୂତନ କାର୍ଯ୍ୟାଳୟ ଓ ବାସଭବନର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟଅତିଥି



ଭାବେ ଯୋଗ ଦେଇ ଶିଳାନ୍ୟାସ କରିଥିଲେ । ଏହି ମଣ୍ଡଳ ଅଧିନରେ କନ୍ଧମାଳ, ଭଞ୍ଜନଗର ଓ ବୌଦ୍ଧ କ୍ଷୁଦ୍ର ଜଳସେଚନ ବିଭାଜନ ରହିବ । ଏହାଦ୍ୱାରା ବିଭାଗ ପକ୍ଷରୁ ହାତକୁ ନିଆଯାଉଥିବା ଉନ୍ନୟନ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହେବା ସହ ଚାଷୀ ପୂର୍ବାପେକ୍ଷା ଅଧିକ ଜଳସେଚନ ସୁବିଧା ପାଇବେ ବୋଲି ବିଧାୟକ ଶ୍ରୀ ମଲ୍ଲିକ କହିଛନ୍ତି । ୩୮.୫୭ଲକ୍ଷ ଟଙ୍କା ବ୍ୟୟରେ କାର୍ଯ୍ୟାଳୟ ଓ ୨୮.୨୯ଲକ୍ଷ ଟଙ୍କା ବ୍ୟୟରେ ବାସଭବନ ନିର୍ମାଣ ହେବ । ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ମୁଖ୍ୟଯନ୍ତ୍ରୀ ଇଁ.ପୂର୍ଣ୍ଣଚନ୍ଦ୍ର ରଥ, ଫୁଲବାଣୀ ଡ଼ିଭିଜନ ଏସ୍ଇ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ଭଞ୍ଜନଗର ଏସ୍ଇ ସୁପ୍ରଭା କହଁରଙ୍କ ସମେତ ଫୁଲବାଣୀ, ବୌଦ୍ଧ, ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଜନର ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଗଜପତି ହାଇଟେକ୍ କ୍ରିକେଟ୍ ଆସୋସିଏସନର ଏକାଡେମୀ ଉଦ୍‌ଘାଟିତ

ପାରଳାଖେମୁଣ୍ଡି, ୨୯ ।୬(ସମିସ): ଗଜପତିରେ କ୍ରିକେଟର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିଛି ଗଜପତି ହାଇଟେକ୍ କ୍ରିକେଟ ଆସୋସିଏସନ୍ । ସ୍ଥାନୀୟ ରାମନଗର ହାଇଟେକ୍ ପ୍ଲାଜା ପରିସରରେ ଶୁଭାରମ୍ଭ ହୋଇଛି କ୍ରିକେଟ ଏକାଡେମୀ । ଜିଲ୍ଲାର ପୁରାତନ କ୍ରିକେଟ ଖେଳାଳି ଓ ଦକ୍ଷ କୋଚ ଓ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଆଗ୍ରହୀ ଖେଳାଳିଙ୍କ ଗହଣରେ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ । ପ୍ରଥମେ ପର୍ଯ୍ୟାୟରେ ୨୦ ଜଣ ଖେଳାଳିଙ୍କୁ ଏଥିରେ ସାମିଲ କରାଯାଇଛି । ରାଜ୍ୟସ୍ତରୀୟ ପ୍ରତିଭାବାନ କୋଚ ମାଗଣାରେ ଖେଳାଳିଙ୍କ ଦକ୍ଷତା ଅଭିବୃଦ୍ଧିରେ ତାଲିମ ପ୍ରଦାନ କରିବେ । ଖେଳାଳିଙ୍କୁ ପୋଷାକ ସହ



ସମସ୍ତ ଆବଶ୍ୟକ ଖେଳ ସାମଗ୍ରୀ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଯୋଗାଇ ଦିଆଯାଇଛି । ପରବର୍ତ୍ତୀ ସମୟରେ ଖୁବ୍‌ଶୀଘ୍ର ଏକ ସ୍ଥାୟୀ କ୍ରୀଡ଼ା ଛାତ୍ରାବାସର ବ୍ୟବସ୍ଥା କରାଯିବ ।

## ଗଛପଡ଼ି ମୁଖ୍ୟ ରାସ୍ତା ଅବରୋଧ




ଗୋଷାଣି, ୨୯ ।୬ (ସମିସ): ଗୋଷାଣି ବ୍ଲକ ମହାଦେଇପୁର ଗ୍ରାମ ନିକଟରେ ଥିବା ପୁରାତନ ଗଛର ଏକ ବିରାଟକାୟ ଡାଳ ପଡ଼ି ଦୀର୍ଘ ସମୟ ରାସ୍ତା ଅବରୋଧ ହୋଇଥିଲା । ରବିବାର ଭୋରରେ ଏହି ଡ଼ାଳ ଭାଙ୍ଗି ପଡ଼ିଥିବା ବେଳେ ଗୋଷାଣି-ମହାଦେଇପୁର-ଗୁରାଣ୍ଡି ରାସ୍ତାରେ ଚଳାଚଳ ବନ୍ଦ ହୋଇଯାଇଥିଲା । ଫଳରେ ଉପଲଡା-ଲିଙ୍ଗିପୁର-ଗୁରାଣ୍ଡି ଦେଇ ଗୋଷାଣି ଯାଉଥିବା ଏବଂ ଅପରପାର୍ଶ୍ୱରୁ ମଧ୍ୟ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା । ମଧ୍ୟାହ୍ନ ପର୍ଯ୍ୟନ୍ତ ପ୍ରଶାସନ କିମ୍ବା ପୂର୍ତ୍ତ ବିଭାଗ ତରଫରୁ ଏହାକୁ ହଟାଯାଇ ନଥିବାରୁ ମହାଦେଇପୁର ଗ୍ରାମବାସୀଙ୍କ ସମେତ ବିଦ୍ୟୁତ ବିଭାଗ କର୍ମଚାରୀ ଯାନବାହନ ଯିବାକୁ ଗଛ ଡାଳକୁ କାଟି ସଫା କରିଥିଲେ । ଏହାପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଡାଳକୁ କଟାଯାଇପାରିନି ।

ଅନ୍ୟପକ୍ଷରେ ଗତ କିଛିମାସ ପୂର୍ବେ ଏହି ରାସ୍ତା ନିର୍ମାଣବେଳେ ଜେସିବି ମେସିନର ଅଂଶ ଏହି ଡାଳଟରେ ବାଜି ଅଧା ଭାଙ୍ଗି ରହିଥିଲା । ଆଜି ଭୋର୍‌ରୁ ବିନା ବର୍ଷା ପବନରେ ଭାଙ୍ଗି ପଡ଼ିଥିବା ଅନୁମାନ କରାଯାଉଛି । ସୌଭାଗ୍ୟବଶତଃ ସେହି ସମୟରେ ଯାନବାହାନ କିମ୍ବା ଲୋକେ କେହି ଯାତାୟତ କରୁନଥିବାରୁ କ୍ଷୟକ୍ଷତି ହୋଇନାହିଁ ।

## ଶୁଣିଲାନି ପ୍ରଶାସନ

# ଅର୍ଥ ଓ ଶ୍ରମ ଦାନକରି ରାସ୍ତା କଲେ ଗ୍ରାମବାସୀ

ଫିରିଙ୍ଗିଆ, ୨୯।୬(ସମିସ)

ଫିରିଙ୍ଗିଆ ବ୍ଲକରେ ଅଧିକାଂଶ ଉପାନ୍ତ ଅଞ୍ଚଳ ସହ ବିଭିନ୍ନ ଗ୍ରାମବାସୀ ରାସ୍ତା ସମସ୍ୟାକୁ ନେଇ ଘାଣ୍ଟି ହେଉଛନ୍ତି । ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ ପ୍ରଶାସନ ଏମିତି କି ଜିଲ୍ଲା ପ୍ରଶାସନକୁ ଲିଖିତ ଭାବରେ ଜଣାଇବା, ଏପରିକି ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରି ଦୀର୍ଘ ବର୍ଷ ବର୍ଷ ବିତିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରୁନାହିଁ । ଏଥିଯୋଗୁଁ ଗ୍ରାମବାସୀ ରାସ୍ତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏପରି ସମସ୍ୟାରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତର ଏକ ଗାଁ ହେଉଛି ଲେଙ୍ଗେରହଣା । ଏହି ଗାଁକୁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇନାହିଁ । କେଉଁ କାଳରୁ ହୋଇଥିବା ମାଟିରାସ୍ତା ଏବେ ଖାଲଖମା ହୋଇ ପାଣି ଧୋଇ ହୋଇ ଯିବାଆସିବା ଉପଯୋଗୀ ଅବସ୍ଥାରେ ବି ନାହିଁ । ଏହି ରାସ୍ତା ପବିଙ୍ଗିଆ ଠାରୁ ଲେଙ୍ଗେରହଣା ଦେଇ ତେଜାମାହା ଓ ବନ୍ଧଗଡ଼କୁ ସଂଯୋଗ କରୁଥିବା ବେଳେ





ପବିଙ୍ଗିଆ ଠାରୁ ଲେଙ୍ଗେରହଣା ରାସ୍ତା ଏବଂ ଲେଙ୍ଗେରହଣା ଠାରୁ ପାଣ୍ଡୁପଦର ରାସ୍ତା ଲେଙ୍ଗେରହଣା ଗାଁର ଉଭୟ ପାର୍ଶ୍ୱରେ ଶୋଚନୀୟ ହୋଇପଡ଼ିଛି । କିଛିଦିନ ପୂର୍ବେ ଏହି ରାସ୍ତାରେ ଅଟୋକୁ ଠେଲି ଠେଲି କାଦୁଅ ରାସ୍ତାରେ ଗର୍ଭବତୀ ମହିଳାଙ୍କୁ ନେବା ବେଳେ ଅଧା ବାଟରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବା ଘଟଣା ଘଟିଥିଲା । ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ବର୍ତ୍ତମାନ ପରିସ୍ଥିତିରେ ଏହି ଗାଁକୁ ଆମ୍ବୁଲାନ୍ସ ଯିବା ଦୂରର କଥା ସାଧାରଣ ଭାବରେ ସାଇକଲ କିମ୍ବା ପାଦରେ ଚାଲିଯିବା ମଧ୍ୟ କଷ୍ଟକର । ରାସ୍ତା ନିର୍ମାଣ ଓ ମରାମତିକୁ ନେଇ ବର୍ଷ ବର୍ଷ ଧରି ଗ୍ରାମବାସୀ ଜିଲ୍ଲାପାଳଙ୍କ ଜନଶୁଣାଣିଠାରୁ ବ୍ଲକ କାର୍ଯ୍ୟାଳୟ ଓ ରାଜନେତାଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ରାସ୍ତା ନେଇ ବାରମ୍ବାର ଅଭିଯୋଗ ପରେ କୌଣସି କାର୍ଯ୍ୟ ନହେବାରୁ ବାଧହୋଇ ଲେଙ୍ଗେରହଣା ଗ୍ରାମବାସୀଙ୍କ ସହ କିଛି ସଚେତନ ଯୁବକ ଯୁବତୀ ମିଶି ନିଜ ଖର୍ଚ୍ଚରେ ଓ ନିଜ ପରିଶ୍ରମରେ ପଥର, କାଠ ଓ ମେଟାଲ ସଂଗ୍ରହ କରି ରାସ୍ତା ମରାମତି ସହ ଏକ କାଠପୋଲ ମଧ୍ୟ ନିର୍ମାଣ କରିଛନ୍ତି । ରାସ୍ତା ନିର୍ମାଣ ଓ ମରାମତି କରିବାକୁ ଅଞ୍ଚଳର ମାନେଶ୍ୱର କହଁର, ଦେବା କହଁର, ଜଳନ୍ଧର କହଁର, ସଞ୍ଜୀବ କହଁର, କେଶବ କହଁର, ଅଜୟ କହଁର, ବିଶ୍ରାବା କହଁର, ଭୁଲେଶ୍ୱର କହଁର, ରାଜୁ କହଁର ସମେତ ଅଞ୍ଚଳବାସୀ ସହାୟତା କରିଥିଲେ । ଗ୍ରାମବାସୀ ଓ ଅଞ୍ଚଳବାସୀ ବାରମ୍ବାର ରାସ୍ତା ନିର୍ମାଣ ପାଇଁ ଅଭିଯୋଗ କରିବା ସତ୍ତ୍ୱେ ବ୍ଲକ ପ୍ରଶାସନ କୌଣସି ଦୃଷ୍ଟି ଦେଇ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ରାସ୍ତା ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ କହିଛନ୍ତି । ସମସ୍ୟା ସମ୍ପର୍କରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କୁ ପଚାରିବାରୁ ତାଙ୍କ ପାଖକୁ ଅଭିଯୋଗ ଆସିନାହିଁ । ତୁରନ୍ତ ଏହାର କିଭଳି ସମସ୍ୟାର ସମାଧାନ କରାଯିବାକୁ ଚେଷ୍ଟା କରାଯିବ ବୋଲି କହିଛନ୍ତି ।

## ଗାଧୁଆଘରେ ପଶି ବନ୍ଧାହେଲେ ଯୁବକ

ସାନଖେମୁଣ୍ଡି,୨୯।୬(ସମିସ): ପାଟପୁର ଥାନା ଅଞ୍ଚଳର ଏକ ଗ୍ରାମରେ ଜଣେ ମହିଳାଙ୍କ ଗାଧୁଆଘରେ ପଶିଥିବା ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଉକ୍ତ ଯୁବକ ଜଣଙ୍କ ହେଲେ ସେହି ଗ୍ରାମର ସୁଦର୍ଶନ ବେହେରା। ସୂଚନା ମୁତାବକ ମହିଳାଙ୍କ ଠାରୁ ସୁଦର୍ଶନ ବେହେରା ୨୦ ହଜାର ଟଙ୍କା ନେଇ ଫେରାଇନଥିଲେ। ମହିଳା ଜଣକ ବାରମ୍ବାର ଟଙ୍କା ମାଗିବା ସତ୍ତ୍ୱେ ସେ ଟଙ୍କା ଫେରାଉନଥିଲେ। ଶୁକ୍ରବାର ମହିଳା ଜଣକ ନିଜ ଗାଧୁଆଘରକୁ ଯିବା ସମୟରେ ଦେଖିଲେ ସେଠାରେ ସୁଦର୍ଶନ ଅଛନ୍ତି। ଗାଧୁଆଘର ଭିତରେ କଣ କରୁଛୁ ବୋଲି ପଚାରିବାରୁ ସୁଦର୍ଶନ ଗାଳି ଗୁଲଜ କରିବା ସହ ମାଡ଼ମାରି ଚାଲିଯାଇଥିଲେ। ଏନେଇ ମହିଳା ପାଟପୁର ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ନଂ.୩୧୩/୨୫ରେ ଏକ ମାମଲା ରୁଜୁ କରିଥିବା ବେଳେ ଏସ୍‌ଆଇ ଶୁଭଲକ୍ଷ୍ମୀ କହଁର ଅଭିଯୁକ୍ତ ସୁଦର୍ଶନ ବେହେରାକୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛନ୍ତି।

## ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା




ଫୁଲବାଣୀ,୨୯।୬(ସମିସ): କନ୍ଧମାଳ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଅବସର ନେଇଥିବା ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲ୍ଲା ବିଜ୍ଞାନ ଶିକ୍ଷକ-ଶିକ୍ଷୟିତ୍ରୀ ଫୋରମ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ବିଜ୍ଞାନ ଶିକ୍ଷକ ସମାଜରେ ବୈଜ୍ଞାନିକ ଚିନ୍ତାଧାରର ବ୍ୟାପକ ପ୍ରସାର ଦିଗରେ ମୁଖ୍ୟ ଭୂମିକା ତୁଲାଇଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିରୂପମା ଦୋରା ଶିକ୍ଷକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ଉପରେ ଆଲୋକପାତ କରିଥିଲେ। ନିକଟରେ ଅବସର ଗ୍ରହଣ କରିଥିବା ଜିଲ୍ଲାର ବିଜ୍ଞାନ ନିରୀକ୍ଷକଙ୍କ ସମେତ ୨୫ ଜଣ ବିଜ୍ଞାନ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଜିଲ୍ଲା ବିଜ୍ଞାନ ନୀରିକ୍ଷକ ଅଶୋକ ପାତ୍ର, ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଫୋରମର ସଭାପତି ସୋମନାଥ ସାହାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ରାମଚନ୍ଦ୍ର ବେହେରା ମଞ୍ଚ ସଂଯୋଜନା କରିଥିବା ବେଳେ ଫୋରମର ସଂପାଦକ ଶିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମଗ୍ର ଜିଲାରୁ ଶତାଧିକ ବିଜ୍ଞାନ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନରେ ରଙ୍କନିଧି ବେହେରା, ସନ୍ତୋଷ ରଥ, ମନୋ ରଂଜନ ପାଢୀ, ସବିତା ସାହୁ, ପ୍ରିୟଦର୍ଶିନୀ ପଟନାୟକ, ବେଣୁଧର ପ୍ରଧାନ, ଅଶ୍ୱିନୀ ପ୍ରଧାନ, ଶିକ୍ଷୟତ୍ରୀ ବୁଲି ନାୟକ, ବିଷ୍ଣୁପ୍ରିୟା ମହାନନ୍ଦ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଓମ୍ ଶାନ୍ତିର ବାର୍ଷିକ ଉତ୍ସବ ସମାରୋହ



କବିସୂର୍ଯ୍ୟନଗର,୨୯।୬(ସମିସ): କବିସୂର୍ଯ୍ୟନଗର ଆଇବି ଛକ ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ପ୍ରଭୁପ୍ରୀତ ଭବନଠାରେ ୩୦ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ମୁଖ୍ୟ ସେବାକେନ୍ଦ୍ର ଆସ୍କା ଶାନ୍ତିଶକ୍ତି ଭବନର ସଂଚାଳିକା ରାଜଯୋଗିନୀ ପ୍ରଭାତୀ ଭଉଣୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ଆଇଆଇସି ନିରଞ୍ଜନ ଦାସ, ଆସିକା ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଦୁର୍ଗାପ୍ରସାଦ ପଣ୍ଡା, ସମାଜସେବୀ ଶମ୍ଭୁ ଲିଙ୍ଗମ ଆଚାରୀ ଏବଂ ଯୁବ ବିଜେଡି ସଭାପତି ଭଗବାନ ସ୍ୱାଇଁ ଏବଂ ଶତାଧିକ ଭାଇ ଭଉଣୀ ଯୋଗ ଦେଇଥିଲେ। ଅନ୍ୟାନ୍ୟ ଅତିଥି ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ। ସୁଜ୍ଞାନୀ ଭଉଣୀ ରାଜଯୋଗର ଅଭ୍ୟାସ କରାଇଥିଲେ। ନିରୁପ୍ରଭା ଭଉଣୀ ଧନ୍ୟବାଦ ଅର୍ପଣ ଓ ସତ୍ୟପ୍ରିୟ ସଭା କାର୍ଯ୍ୟ ପରିଚାଳନା କରିବା ସହିତ ଅନୁରାଧା, ଧରଣୀ, ଆଶା, ଭାଗ୍ୟବାନି ଓ ବଳରାମ, ବଶ୍ୱନାଥ, ପ୍ରଦୀପ, ଚରଣ, ନାଗେଶ୍ୱର, କାଳୁ ପ୍ରମୁଖ ସହଯୋଗ କରିଥିଲେ।

### ଓଟିଡ଼ିସିର ଅବହେଳା; ମୁହଁ ମୋଡୁଛନ୍ତି ପର୍ଯ୍ୟଟକ

# ପାନ୍ଥନିବାସ ଓ ଜେଟି ରାସ୍ତାରୁ ଉଠିଗଲାଣି ଟାଇଲ୍

ରମ୍ଭା,୨୯।୬(ସମିସ)



ଦିନ ଥିଲା ସ୍ଥାନୀୟ ପାନ୍ଥନିବାସ ଚିଲିକାକୂଳ ଜେଟି ଚମକୁଥିଲା। ଚିଲିକାକୁ ଆସୁଥିବା ପର୍ଯ୍ୟଟକମାନେ ଚିଲିକା ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଏଠାକୁ ଆସୁଥିଲେ ଓ ଭିଡ଼ ଜମୁଥିଲା। ହେଲେ ଓଟିଡିସିର ଅବହେଳା ଯୋଗୁ ଏହି ଜେଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଜେଟି ରାସ୍ତା ସହିତ ପାନ୍ଥ ନିବାସର ମୁଖ୍ୟ ରାସ୍ତା ଅନୁରୂପ ଭାବେ ବ୍ଲକ ଗୁଡ଼ିକ ଉଠି ଭାଙ୍ଗି ଗଲାଣି। ଜେଟି ରାସ୍ତା ପାଶ୍ୱର୍ରେ ଥିବା ଆଲୋକବତୀ କେଉଁଠି ଜଳୁଛି ତ କେଉଁଠି ଜଳୁନି। ଫଳରେ ଆକର୍ଷିତ ହେଉ ନାହାଁନ୍ତି ପର୍ଯ୍ୟଟକ। ରମ୍ଭା ପାନ୍ଥନିବାସ ଜେଟିକୁ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ ଚିଲିକା

### ଜଳୁନି ଅର୍ଦ୍ଧାଧିକ ଲାଇଟ୍, ଅସୁରକ୍ଷିତ ମଣୁଛନ୍ତି ପର୍ଯ୍ୟଟକ

ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆସିଥାନ୍ତି। ସନ୍ଧ୍ୟା ସମୟରେ ରିଲ୍ସ ଷ୍ଟାରମାନେ ଆସି ଚିଲିକା ସୌନ୍ଦର୍ଯ୍ୟକୁ ରିଲସ୍‌ରେ କଏଦ କରୁଥିଲେ। ହେଲେ ଜେଟି ଭାଙ୍ଗିଯାଇଥିବାରୁ ସେମାନେ ଏଠାକୁ ସୁଟିଂ କରିବାକୁ ଆସୁନାହାନ୍ତି। ଏହି ଜେଟି ଉପରେ ନିର୍ଭର କରୁଥିବା ରମ୍ଭା ଏନ୍‌ଏସିର ୪ ଖଣ୍ଡ ମତ୍ସ୍ୟଜୀବୀ ସାହି ବାସିନ୍ଦା ନିଜ ଡ଼ଙ୍ଗାରେ ଓଟିଡିସିର ନିର୍ଦ୍ଦେଶକ୍ରମେ ସିରିଏଲ ନମ୍ବର ଅନୁଯାୟୀ ପର୍ଯ୍ୟଟକଙ୍କୁ ଭ୍ରମଣ କରିବାକୁ ନେଇଥାନ୍ତି। ତାହା ସହ କିଛି ପରିବାର ଏଠାରେ ଖେଳନା ବିକ୍ରି କରି ପରିବାର ପ୍ରତିପୋଷଣ ହୋଇଥାନ୍ତି। ହେଲେ ପର୍ଯ୍ୟଟକ ସଂଖ୍ୟା କମିବା ଫଳରେ ସେମାନେ ବହୁତ କ୍ଷତି ସହୁଛନ୍ତି। ଗୋଟିଏ ପଟେ ଚିଲିକାରୁ କିଛି ଆଦାୟ ହେଉନଥିବାବେଳେ ଅନ୍ୟପଟେ ପର୍ଯ୍ୟଟକ ସଂଖ୍ୟା ମଧ୍ୟ କମିଛି। ଏଭଳି ସ୍ଥିତିରେ ସେମାନେ ଚଳିବେ କିପରି ବୋଲି ମତ୍ସ୍ୟଜୀବୀମାନେ ଦୁଃଖର ସହ କହିଛନ୍ତି। କେବଳ ମତ୍ସ୍ୟଜୀବୀ ନୁହେଁ ରମ୍ଭା ସହରରେ ଅଟୋ ଚାଳକ, ହୋଟେଲ ମାଲିକ, ଟ୍ୟାକ୍ସି ଚାଳକ ଓ ଖୁଚୁରା ବେପାରୀଙ୍କଙ୍କ ଉପରେ ମଧ୍ୟ ସିଧାସଳଖ ଏହାର ପ୍ରଭାବ ପଡୁଛି। ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଚଢ଼େଇହଗା ପର୍ବତ ଓ ବତୀଘର ଲାଇଟ ହାଉସ, ବ୍ରେକଫାଷ୍ଟ ଆଇଲାଣ୍ଡ, ହନୁମାନ ଆଇଲାଣ୍ଡରେ ମଧ୍ୟ ରକ୍ଷଣାବେକ୍ଷଣ ହେଉନାହିଁ। ବତୀଘରରେ ପକ୍ଷୀମାନଙ୍କ ମଳମୂତ୍ର ଆବର୍ଜନାରେ ପରିପୂର୍ଣ୍ଣ ହୋଇଥିବାରୁ ପର୍ଯ୍ୟଟକ ସେହି ବତୀଘରକୁ ଓହ୍ଲେଇବାକୁ ଜାଗାନାହିଁ। ପର୍ଯ୍ୟଟକ ଆଉ ସେଠାକୁ ଯିବାକୁ ପସନ୍ଦ କରୁନଥିବା କେତେକ ପର୍ଯ୍ୟଟକ କହିଛନ୍ତି। ଯେଉଁ ରମ୍ଭା ପାନ୍ଥନିବାସରେ ଦିନେ ଜନସମୁଦ୍ର ରହିଥିଲା ସେହି ପାନ୍ଥନିବାସ ଆଜି ଜନଶୂନ୍ୟ ହୋଇଯାଇଛି। ଯାହାଫଳରେ ପ୍ରତ୍ୟେକ ଦିନ ରାଜ୍ୟ ପର୍ଯ୍ୟଟନ ବିଭାଗକୁ କୋଟିକୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡୁଛି। ରାଜ୍ୟ ସରକାର ଓ ଗଞ୍ଜାମ ଜିଲ୍ଲାପାଳ ଦୃଷ୍ଟି ଦେଇ ରମ୍ଭା ପାନ୍ଥନିବାସ ଚିଲିକାକୂଳ ଜେଟିକୁ ପୁନଃଉଦ୍ଧାର କରିଲେ ପୁଣି ଚିଲିକା ପର୍ଯ୍ୟଟକମାନେ ରମ୍ଭା ଚିଲିକା ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆସିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ପରିତ୍ୟକ୍ତ ଅବସ୍ଥାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ



ବୁଗୁଡ଼ା,୨୯।୬(ସମିସ): ବୁଗୁଡ଼ା ବ୍ଲକ କଲୋନୀ ପରିସରରେ ଥିବା ବୁଗୁଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବେ ଭୂତକୋଠି ପାଲଟିଛି। ୧୯୮୨ ମସିହାରେ ସ୍ଥାପିତ ହୋଇଥିବା ଏହି କାର୍ଯ୍ୟାଳୟ ଉପରେ ବୁଗୁଡ଼ା ସହର ସମେତ ଗୋଳାବନ୍ଧ, ଭାମଶ୍ୟାଳି, ଗୋଳିଆ ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବା ବେଳେ ଦୀର୍ଘ ୧୨ ବର୍ଷ ହେଲା ଏହି କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି। ୨୦୧୩ରେ ହୋଇଥିବା ଫାଇଲିନ ବାତ୍ୟା ପରେ କାର୍ଯ୍ୟାଳୟ କୋଠାକୁ ବିପଦସଂକୁଳ ଘୋଷଣା କରାଯାଇଥିଲା। ଏହାପରେ କାର୍ଯ୍ୟାଳୟ ବ୍ଲକ ଅଫିସ ପରିସରରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ ଘୁଞ୍ଚାଇ ଦିଆଯାଇଥିଲା। ଏବେ ପ୍ରାୟ ୫ବର୍ଷ ହେଲା ଷୋହଳମାଇଲି ସ୍ଥାନାନ୍ତରିତ ହୋଇଯିବା ଫଳରେ ବିଭିନ୍ନ କାର୍ଯ୍ୟରେ ଆର୍‌ଆଇ ଅଫିସକୁ ଆସୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ପରିସରରେ ଥିବା ପୁରୁଣା ଆର୍‌ଆଇ ଅଫିସ କୋଠା ବର୍ତ୍ତମାନ ସୁଦ୍ଧା ମରାମତି କରାଯାଇନଥିବାରୁ ସେଠାରେ ଗଛଲତା ସହ ଅନାବନା ଗଛ ଉଠି ଜଙ୍ଗଲ ହୋଇଗଲାଣି। ପରିତ୍ୟକ୍ତ ହୋଇ ପଡ଼ିରହିବା ଫଳରେ ଉକ୍ତ କୋଠା ଭିତରେ ସରୀସୃପଙ୍କ ବାସସ୍ଥଳୀ ପାଲଟିଗଲାଣି। ସାହି ଭିତରେ ଏହିପରି ପରିତ୍ୟକ୍ତ କୋଠା ଯୋଗୁ ସାହିବାସିନ୍ଦାଙ୍କ ସମେତ ତାକୁ ଲାଗି ବ୍ଲକ କ୍ୱାର୍ଟର୍ସରେ ରହୁଥିବା କର୍ମଚାରୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏହି କୋଠାର ପୁନଃଉଦ୍ଧାର କରିବା ସହ ଏଠାରେ ରାଜସ୍ୱ କାର୍ଯ୍ୟାଳୟ ପୁନଃ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

## ଆଡ଼ପ ମଣ୍ଡପରେ ତିନି ଠାକୁର



ଖଲ୍ଲିକୋଟ,୨୯।୬(ସମିସ): ଆଡ଼ପ ମଣ୍ଡପରେ ବିଜେ ହୋଇଛନ୍ତି ତିନି ଠାକୁର। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗୁଛି। ନବଦିନାତ୍ମକ ଯାତ୍ରାରେ ବାହାରି ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ଶନିବାର ବିଳମ୍ବିତ ସନ୍ଧ୍ୟାରେ ଗୋଟି ପହଣ୍ଡିରେ ରଥରୁ ଓହ୍ଲାଇ ଆଡ଼ପ ମଣ୍ଡପକୁ ଯାଇଥିଲେ ତିନି ଠାକୁର। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ମନ୍ଦିର ପ୍ରଶାସନ ତରଫରୁ ଗତକାଲି ଠାରୁ ଭଜନ ସମାରୋହ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ମହାପ୍ରଭୁଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କରିବା ସହ ଭଜନ ସମାରୋହ ଦେଖିବାକୁ ସନ୍ଧ୍ୟାରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି।

## ସୋରଡ଼ାରେ ଆଦର୍ଶ କଲୋନୀ ଉଦ୍‌ଘାଟିତ



ସୋରଡ଼ା,୨୯।୬(ସମିସ): ସୋରଡା ଏନ୍‌ଏସିରେ ଅନୁନ୍ନତ ବର୍ଗର ଜନସାଧାରଣଙ୍କୁ ଯୋଗାଇ ଦେଇଥିବା ଜାଗା ମିଶନ ଅନ୍ତର୍ଗତ ଗୃହ, କଲୋନୀକୁ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀ, ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ ଓ ସୋରଡା ଏନ୍‌ଏସିର ସମସ୍ତ କାଉନ୍‌ସିଲରଙ୍କ ସହିତ ବହୁ ବିଜେପି କର୍ମୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ଗଣିଛକ ସମ୍ମୁଖର ଆଦର୍ଶ କଲୋନୀର ସମସ୍ତ ବ୍ୟବସ୍ଥା ଦ୍ୱାରା ସୁବ୍ୟବସ୍ଥିତ ଅନ୍ତେବାସୀଙ୍କ ପାଇଁ ମିନି ପାର୍କ, ଆଲୋକୀକରଣ, ସୁରକ୍ଷା ପାଚିର, ପକ୍କାଘର ଆଦି ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ସରକାର ଗରିବ ଲୋକଙ୍କ ପାଇଁ ଅନେକ ବ୍ୟବସ୍ଥା କରୁଥିବାବେଳେ ଏହା ଏକ ଅନନ୍ୟ ଓ ସୁବ୍ୟବସ୍ଥା ଯୋଜନା ଯାହାକି ୨୮ଟି ପରିବାର ଉପକୃତ ହୋଇଥିବା ବେଳେ ଆଗକୁ ଆହୁରି ଅନେକ ପରିବାର ସଂଯୁକ୍ତ ହେବେ।

## ଗାନ୍ଧୀ ସାର୍‌ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗଞ୍ଜାମ,୨୯।୬(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡି ରାଧା ଗୋବିନ୍ଦପୁର ପଞ୍ଚାୟତ ଚିଲିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଝାରେଡି ରାଧାଗୋବିନ୍ଦପୁର ଏବଂ ସିପକୁଦାର ପ୍ରଧାନ ଶିକ୍ଷକ ଗାନ୍ଧୀ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୀର୍ଘ ୩୫ ବର୍ଷ ଧରି ଆମ ସେ ଅଞ୍ଚଳରେ ଶିକ୍ଷାଦାନ କରୁଥିବାବେଳେ ତାଙ୍କ ଘର ପୋଲସରା ବ୍ଲକ୍ ଅନ୍ତର୍ଗତ ଚିରିକିପଡ଼ା ଶାସନ। ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଦନରେ ଜି.ଏନ୍. ହାଇସ୍କୁଲ୍ ସ୍ଥାପିତ ହୋଇଥିଲା।। ୧୯୯୧ରୁ ୨୦୨୫ ପର୍ଯ୍ୟନ୍ତ ଉକ୍ତ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ କରି ଆସୁଥିବାରୁ ତାଙ୍କୁ ଆଡମ୍ବର ସହକାରେ ସମର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରିଚାଳନା କମିଟି ସଭାପତିଙ୍କ କୈଳାସ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଇଓ ପ୍ରସନ୍ନ କୁମାର ବେହେରା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ, ସିଆ୍‌ସିସି ଅତିନ୍ଦ୍ରିୟ ପାଟଯୋଶୀ ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସିନ ରହି ଗାନ୍ଧୀ ସାର୍‌ଙ୍କ ସ୍ମୃତି ବଖାଣିଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ

ପାରଳାଖେମୁଣ୍ଡି,୨୯।୬(ସମିସ):




ଗଜପତି ଜିଲ୍ଲାସ୍ତରୀୟ ୧୯ତମ ଜାତୀୟ ପରିସଂଖ୍ୟାନ ଦିବସ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ବ୍ରହ୍ମପୁରସ୍ଥ ଯୁଗ୍ମ ନିର୍ଦ୍ଦେଶକ ପରିସଂଖ୍ୟାନ ବିଭାଗ କୁଳମଣୀ ରାଉତ ଓ ସହକାରୀ ଉପନିର୍ଦ୍ଦେଶକ ପରିସଂଖ୍ୟାନ ବିଭାଗ ଗଜପତି ପ୍ରକାଶ ରାଉତ ଓ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୈତିକ ଅଧ୍ୟାପକ ସଞ୍ଜୟ କୁମାର ସାହୁ ମଞ୍ଚାସୀନ ଥିଲେ। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ସାମାଜିକ, ଅର୍ଥନୈତିକ ଢାଞ୍ଚା ଓ ନୂତନ ନୀତି ପ୍ରସ୍ତୁତ କରିବାରେ ପରିସଂଖ୍ୟାନର ମହତ୍ତ୍ୱ ସମ୍ପର୍କରେ ସଚେତନତା ପ୍ରସାର ଆଣିବା। ଏଥିପାଇଁ ପ୍ରତିବର୍ଷ ଜୁନ ୨୯ରେ "ଜାତୀୟ ପରିସଂଖ୍ୟାନ ଦିବସ' ପାଳନ କରାଯାଉଛି। ସ୍ୱାଧୀନ ଭାରତର ପ୍ରଥମ ଯୋଜନା ଆୟୋଗର ସଦସ୍ୟ ତଥା ଜାତୀୟ ପରିସଂଖ୍ୟାନ ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହଲାନୋବିସଙ୍କ ସ୍ମୃତିରେ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଆସୁଛି। ଭାରତୀୟ ପରିସଂଖ୍ୟାନର ଜନକ ଭାବେ ପରିଚିତ ପ୍ରଫେସର ମହାଲାନୋବିସ ପ୍ରଶିକ୍ଷଣରେ ଜଣେ ପଦାର୍ଥ ବିଜ୍ଞାନୀ, ଜଣେ ପରିସଂଖ୍ୟାନ ବିତ୍ ଓ ଜଣେ ଯୋଜନା ପ୍ରସ୍ତୁତକାରୀ ଥିଲେ। ଦେଶର ପରିସଂଖ୍ୟାନ ଓ ଅର୍ଥନୈତିକ ଯୋଜନା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣ କରିବା ପାଇଁ ୨୦୦୭ ମସିହାରୁ ତାଙ୍କ ଜନ୍ମ ଦିବସକୁ ପ୍ରତିବର୍ଷ ଜୁନ୍‌୨୯ ତାରିଖକୁ ଜାତୀୟ ପରିସଂଖ୍ୟାନ ଦିବସ ରୂପେ ପାଳନ କରାଯାଉଛି। ଏହି ଅବସରରେ ଜାତୀୟ ପ୍ରଗତିରେ ସରକାରୀ ପରିସଂଖ୍ୟାନର ଭୂମିକାକୁ ଲୋକଲୋଚନକୁ ଆଣିବା ଲାଗି ସେମିନାର, ଆଲୋଚନାଚକ୍ର ଓ ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି। ପରିସଂଖ୍ୟାନ ଅଧ୍ୟୟନ କରିବା ଓ ଦୈନନ୍ଦିନ ଜୀବନର ବିଭିନ୍ନ ପ୍ରସଙ୍ଗରେ ତାହାକୁ ପ୍ରୟୋଗ କରିବା ଲାଗି ଏହି ଦିବସ ଯୁବ ପିଢ଼ିକୁ ପ୍ରେରଣା ଯୋଗାଇଥାଏ। ସେହିପରି ଏହି ଦିବସ ପାଳନ ଦ୍ୱାରା ଦେଶର ବିଭିନ୍ନ ଯୋଜନା ଯଥା - କୃଷି ସମ୍ପର୍କିତ ରିପୋର୍ଟିଂ, ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା, ମୂଲ୍ୟ ନିର୍ଦ୍ଧାରଣ, ଜାତୀୟ ନମୂନା ସର୍ବେକ୍ଷଣ, କୃଷି ଜନଗଣନା ଓ କ୍ଷୁଦ୍ର ଜଳସେଚନ ଗଣନା ଇତ୍ୟାଦି ବିଭାଗର ଦ୍ୱାରା କରାଯାଇଥାଏ। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସଞ୍ଜୟ କୁମାର ଦଳେଇଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ପରିସଂଖ୍ୟାନ ବିଭାଗ ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ।

### ଇଏ କି ପ୍ରକାର ଓଡ଼ିଆ ଅସ୍ମିତା

## ଏନ୍‌ଏସି କାର୍ଯ୍ୟାଳୟ ଫାଟକ ଓଡ଼ିଆ ଫଳକ କଦର୍ଥ

ରମ୍ଭା,୨୯।୬(ସମିସ): ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ରାଜ୍ୟରେ କ୍ଷମତାକୁ ଆସିଲା। ହେଲେ କ୍ଷମତା ମିଳିବା ପରଠୁ ଓଡ଼ିଆ ଭାଷା ଓ ଓଡ଼ିଆମାନେ ଅବହେଳିତ। ଯାହାର ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ରମ୍ଭା ଏନ୍‌ଏସି କାର୍ଯ୍ୟାଳୟରେ। ଏହି କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ଲାଗିଥିବା ଓଡ଼ିଆ ଫଳକରେ ଗଞ୍ଜାମ ପରିବର୍ତ୍ତେ 'ଞ୍ଜା' ଅକ୍ଷର ଓ ୧୯୬୨ ମସିହା ଲେଖାଥିବା ବୋର୍ଡରୁ ୯ ଅକ୍ଷରଟି ଦୀର୍ଘଦିନରୁ ଉଭାନ ହୋଇଯାଇଛି। ହେଲେ ଲୋକ ପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀଙ୍କ ନଜର ପଡୁନାହିଁ। ଏନଏସି କାର୍ଯ୍ୟାଳୟ ଅର୍ଥାତ ଚିଲିକା ଭବନ କାର୍ଯ୍ୟାଳୟର ମରାମତି, ରଙ୍ଗ ପାଇଁ ଓ ବିଭିନ୍ନ ମାଧ୍ୟମରେ ଅର୍ଥ ବ୍ୟୟବରାଦ ହେଉଛି। କିନ୍ତୁ ଏନଏସି ପ୍ରଶାସନ ସତରେ ନଜର ପଡୁନାହିଁ କି, ନିଜ କାର୍ଯ୍ୟାଳୟପାଇଁ ନିଜର ଧ୍ୟାନ ନାହିଁ।

ସ୍ଥାପିତ ବର୍ଷ ୧୯୬୨ ରେ ୬ ଅଙ୍କଟି ଉଠିଗଲାଣି। ପୂର୍ବରୁ ରମ୍ଭା ସହର ପ୍ରବେଶ ପଥରେ ଇଂରାଜୀରେ ଲେଖା ଯାଇଥିବାରୁ ରମ୍ଭା ସହରର ବୁଦ୍ଧିଜୀବୀମାନେ ଏହା କି ପ୍ରକାର ଓଡ଼ିଆ ଅସ୍ମିତା ବୋଲି ପ୍ରଶ୍ନ କରିଥିଲେ। ତଥାପି ଆଜି ପର୍ଯ୍ୟନ୍ତ ଏଥିରେ ସୁଧାର କରାଯାଇନାହିଁ। ଏନଏସି ପ୍ରଶାସନ ନିଜ ଗେଟରେ ଉଠିଯାଇଥିବା ଅକ୍ଷରକୁ ସଂଶୋଧନ କରାଯାଇ ଗଞ୍ଜାମ ଓ ସ୍ଥାପିତ ୧୯୬୨ ଲେଖିବା ପାଇଁ ଦାବି ହେଉଛି। ସହରକୁ ସର୍ବାଙ୍ଗ ସୁନ୍ଦର ଗଢି ତୋଳିବା ପାଇଁ ହେଲେ ସାଧାରଣ ଜନତାଙ୍କ ପ୍ରିୟ ଭାଜନ ସାଙ୍ଗକୁ ଉପକଣ୍ଠ, ଗଳିକନ୍ଦି, ମୁଖ୍ୟ ରାସ୍ତା ପାଶ୍ୱର୍ ଠିକ ଭୁଲକୁ ସୁଧାରିଲେ ବିକାଶ ହୋଇପାରିବ। କାଗଜ କଲମରେ ସୀମିତ ନ ରଖି ଭୋଟ ପୂର୍ବର ପ୍ରତିଶ୍ରୁତି ରକ୍ଷା କରି କାମ ଆଗେଇଲେ ପରବର୍ତ୍ତୀ ନିର୍ବାଚନ ସମୟରେ କୌଣସି ପ୍ରକାର ସମ୍ମୁଖୀନ ହେବା ନାହିଁ ବୋଲି ରାଜନୈତିକ ଗୋଷ୍ଠୀ ପକ୍ଷରୁ ସଫେଇ ଦିଆଯାଇଛି।



